ସାଧାରଣ ଲୋକଙ୍କ ଖବରକାଗଜ
# ପର୍ଯ୍ୟବେକ୍ଷକ 25
PARYABEKHYAK
पर्यवेक्षक

Vol.26 . No.115 Bhubaneswar Saturday June 10 2023 | ୨୬ତମ ବର୍ଷ ସଂଖ୍ୟା–୧୧୫ ଭୁବନେଶ୍ୱର, ଶନିବାର, ଜୁନ ୧୦, ୨୦୨୩ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹1.50 (Air Surcharge - 0.50P) Member-INS

# ଦୋଷ ମୁଣ୍ଡାଇ ବହିଷ୍କୃତ ହେଲେ ରୋହିତ: ଷଡଯନ୍ତ୍ର ନା କଲାକର୍ମର ଫଳ ?




ଭୁବନେଶ୍ୱର,୯ ।୬(ପି.ଏନ):ମାତ୍ର ୧୨ମାସ ପୂର୍ବରୁ ନବୀନ ପଟ୍ଟନାୟକଙ୍କ ମନ୍ତ୍ରିମଣ୍ଡଳରେ ଉଚ୍ଚଶିକ୍ଷା ବିଭାଗର ମନ୍ତ୍ରୀ ଦାୟିତ୍ୱ ଗ୍ରହଣ କରିଥିବା ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀଙ୍କୁ ଆଜି ଅପ୍ରତ୍ୟାଶିତ ଢଙ୍ଗରେ ମନ୍ତ୍ରିମଣ୍ଡଳରୁ ବହିଷ୍କୃତ କରାଯାଇଛି । ମନ୍ତ୍ରୀ ଭାବେ ଶ୍ରୀପୂଜାରୀଙ୍କ କାର୍ଯ୍ୟଦକ୍ଷତା ଓ ପ୍ରଦର୍ଶନ ସବୁଠୁ ନିକୃଷ୍ଟ ଥିବାରୁ ତାଙ୍କୁ ବହିଷ୍କାର କରାଗଲା ବୋଲି ଏକ ସନ୍ଦେଶକୁ ସୁଚିନ୍ତିତ ଯୋଜନାବଦ୍ଧ ଭାବେ ଗଣମାଧ୍ୟମକୁ ଦିଆଗଲା । ଆଉ ସେହି ଆଧାରରେ ରାଜ୍ୟର ଗଣମାଧ୍ୟମଗୁଡ଼ିକ ବି ଶ୍ରୀ ପୂଜାରୀ ମନ୍ତ୍ରିମଣ୍ଡଳରୁ ବିଦା ହୋଇଥିବା ନେଇ ରିପୋର୍ଟ ପ୍ରକାଶ କଲେ । ତେବେ ମହିଳାଙ୍କୁ ଦୁଷ୍କର୍ମ ଓ ହତ୍ୟା ଭଳି ସଙ୍ଗୀନ ଅଭିଯୁକ୍ତ ଥିବା ମନ୍ତ୍ରୀମାନଙ୍କୁ ଇସ୍ତଫା ଦେବାର ସୁଯୋଗ ଦେଇଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବେ ରୋହିତଙ୍କୁ ଅପମାନ ଦେଇ ବହିଷ୍କାର କରିବା ପଛରେ କିଛି ରାଜନୀତିକ ଷଡଯନ୍ତ୍ର ରହିଛି ନା ରୋହିତଙ୍କ କଲାକର୍ମର ଫଳ ଯୋଗୁଁ ଏଭଳି ନିଷ୍ପତ୍ତି ନେଲେ ତାହା ଏବେ ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି । ସୂଚନା ଅନୁସାରେ, ମନ୍ତ୍ରିମଣ୍ଡଳରୁ ବହିଷ୍କାର କରିବା ପାଇଁ ଯେଉଁ ଅଜଣା ସୂତ୍ର ମାଧ୍ୟମରେ ଗଣମାଧ୍ୟମକୁ ଏକ ନିର୍ଦ୍ଦିଷ୍ଟ କାରଣ ଦିଆଯାଇଥିଲା ତାକୁ ମାତ୍ର କିଛି ଘଣ୍ଟା ମଧ୍ୟରେ ରୋହିତ ରୋକଠୋକ୍ ଖାରଜ କରିଛନ୍ତି । ମନ୍ତ୍ରିମଣ୍ଡଳରୁ ବାଦ୍ ପଡିବା ପ୍ରସଙ୍ଗରେ ରୋହିତ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ସେ ବିଭାଗର ମନ୍ତ୍ରୀ ଭାବେ ନିଜର ଶ୍ରେଷ୍ଠ ପ୍ରଦର୍ଶନ ଦେଇଛନ୍ତି । ବୋଧହୁଏ ମୁଖ୍ୟମନ୍ତ୍ରୀ ତାଙ୍କଠୁ ଅଧିକ କିଛି ଆଶା କରୁଥିଲେ । ଆଗକୁ ଆହୁରି ଶିଖିବି, ଯାହା ଦାୟିତ୍ୱ ଦେବେ ତାକୁ କରିବି । ମନ୍ତ୍ରିମଣ୍ଡଳରୁ ବାଦ୍ ପଡିବା ନେଇ ଦୁଃଖିତ ନୁହେଁ ବୋଲି ରୋହିତ କହିଛନ୍ତି ।

# କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ ହେଲା ଇଣ୍ଟର-କଣ୍ଟିନେଟାଲ କପ୍ ଟୁର୍ଣ୍ଣାମେଣ୍ଟ



ଭୁବନେଶ୍ୱର,୯ ।୬(ପି.ଏନ): କଳିଙ୍ଗ ଷ୍ଟାଡିୟମରେ ଫୁଟବଲ ଫାଇଟ୍ । ଆରମ୍ଭ ହୋଇଛି ଇଣ୍ଟର-କଣ୍ଟିନେଟାଲ କପ ଟୁର୍ଣ୍ଣାମେଣ୍ଟ । ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଭାରତ ଓ ମଙ୍ଗୋଲିଆ ମଧ୍ୟରେ ଚାଲିଛି ଉଦଘାଟନୀ ମ୍ୟାଚ୍ । ପ୍ରଥମ ମ୍ୟାଚ୍‌ରେ ଭଲ ପ୍ରଦର୍ଶନ କରି ବିଜୟ ଅଭିଯାନ ଆରମ୍ଭ କରିବାକୁ ଉଭୟ ଦଳ ଲକ୍ଷ୍ୟ ରଖିଛନ୍ତି । ଯୁବ ଏବଂ ଅଭିଜ୍ଞ ଖେଳାଳିଙ୍କୁ ନେଇ ଭାରତୀୟ ଦଳ ବେଶ୍ ସନ୍ତୁଳିତ ରହିଛି ।ହୋମ ଗ୍ରାଉଣ୍ଡ ଓ ହୋମ କ୍ରାଉଡ଼ଙ୍କ ସାମ୍ନାରେ ଦଳ ଭଲ ପ୍ରଦର୍ଶନ କରିବ ବୋଲି ଆଶା କରାଯାଉଛି । ମଙ୍ଗୋଲିଆ ପାଇଁ ଟୁର୍ଣ୍ଣାମେଣ୍ଟ ବେଶ ଚ୍ୟାଲେଞ୍ଜିଂ ହୋଇପାରେ । ଟୁର୍ଣ୍ଣାମେଣ୍ଟରେ ଆୟୋଜକ ଭାରତ ସମେତ ଲେବାନନ, ମଙ୍ଗୋଲିଆ ଏବଂ ଭାନୁଆଟୁ ଅଂଶଗ୍ରହଣ କରିଛନ୍ତି । ଅନ୍ୟପଟେ ଲେବାନନ ଓ ଭାନୁଆଟୁ ମଧ୍ୟରେ ଅପରାହ୍ନ ୪.୩୦ରେ ଖେଳାଯାଇଥିବା ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା ।

## ଶ୍ରୀଜୀଉଙ୍କ ଶ୍ରୀଅଙ୍ଗରେ ଲାଗି ହେଲା ଫୁଲୁରୀ ତେଲ : ୧୯ ରେ ନବଯୌବନ ଦର୍ଶନ

ପୁରୀ, ୯ ।୬(ପି.ଏନ): ଦେବସ୍ନାନ ପୂର୍ଣ୍ଣିମାରେ ୧୦୮ ଗରା ଅଭିମନ୍ତ୍ରିତ ଅଧିବାସ ଜଳରେ ସ୍ନାନ ପରେ ଶ୍ରୀଜୀଉମାନେ ଜ୍ୱରରେ ପୀଡ଼ିତ ହୋଇ ଅଣସର ପିଣ୍ଡିରେ ଅବସ୍ଥାନ କରୁଛନ୍ତି । ଆଜି ଅଣସର ପିଣ୍ଡିରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ପଂଚମ ଦିନ । ଜ୍ୱରରୁ ଉପଶମ ପାଇଁ ଦଇତାପତି ସେବକ ମାନେ ଶ୍ରୀଜୀଉଙ୍କ ଗୁପ୍ତ ସେବା ଜାରୀ ରଖିଛନ୍ତି । ଅଣସର ପିଣ୍ଡିରେ ପଂଚମ ଦିବସରେ ଶ୍ରୀଜୀଉଙ୍କ ଶ୍ରୀଅଙ୍ଗରେ ଫୁଲୁରୀ ତେଲ ଲାଗି ହୋଇଛି । ଜ୍ୱରଗ୍ରସ୍ତ ଠାକୁର ମାନଙ୍କ ଦେହରୁ ମଜରା ଛଡାଇବାକୁ ଏହି ଉପଚାର କରାଯାଇଛି । ଶ୍ରୀଅଙ୍ଗକୁ ସୁସ୍ଥ କରିବାକୁ ଏହି ଫୁଲୁରୀ ତେଲ ମାଲିସ୍ କରାଯାଇଛି । ଶ୍ରୀକ୍ଷେତ୍ରରେ ଥିବା ବଡ଼ ଓଡ଼ିଆ ମଠ ପକ୍ଷରୁ ଏହି ତେଲ ଯୋଗାଇ ଦିଆଯାଇଥିଲା । ମଧ୍ୟାହ୍ନ ଧୂପ ବଢିବା ପରେ ପରମ୍ପରା ମୁତାବକ ଶ୍ରୀମନ୍ଦିର ପକ୍ଷରୁ ବଡ ଓଡ଼ିଆ ମଠକୁ ଫୁଲୁରୀ ତେଲ ବିଜେ ପାଇଁ ଖବର ଯାଇଥିଲା । ଏହାପରେ ତିନୋଟି ସେରିକିଆ ମାଟି ଘଡ଼ିରେ ଫୁଲୁରୀ ତେଲକୁ ଶ୍ରୀମନ୍ଦିରକୁ ବିଜେ କରାଯାଇଥିଲା । ଦେଉଳ କରଣଙ୍କ ନେତୃତ୍ୱରେ ଏହାକୁ ଅଣସର ଗୃହକୁ ଅଣାଯିବା ପରେ ଦଇତାପତି ସେବକ ମାନେ ଶ୍ରୀ ବଳଭଦ୍ର, ଶ୍ରୀ ଜଗନ୍ନାଥ ଓ ଦେବୀ ସୁଭଦ୍ରାଙ୍କ ଶ୍ରୀଅଙ୍ଗରେ ଏହାକୁ ମାଲିସ୍ କରିଥିଲେ । ଶ୍ରୀଅଙ୍ଗରେ ଫୁଲରୀ ତେଲ ଲାଗି ପରେ ଏଣିକି ଧିରେ ଧିରେ ସୁସ୍ଥ ହେବେ ମହାପ୍ରଭୁ । ଆସନ୍ତା ୧୯ ତାରିଖରେ ଭକ୍ତଙ୍କୁ ନବଯୌବନ ବେଶରେ ଦର୍ଶନ ଦେବେ ଚତୁର୍ଦ୍ଧାମୂର୍ତ୍ତି । ଗତକାଲି ଶ୍ରୀଜୀଉଙ୍କ ଶ୍ରୀଅଙ୍ଗ ଫିଟା ନୀତି ସମ୍ପନ୍ନ ହୋଇଥିଲା । ଅଣସର ସମୟରେ ଶ୍ରୀଜୀଉମାନେ ଶ୍ୱେତ ବସ୍ତ୍ର ପରିଧାନ କରିବାର ବିଧି ରହିଛି । ଏହି ୧୫ ଦିନ ତୁଳସୀ ଲାଗି ହେବା ପରିବର୍ତ୍ତେ ମହାପ୍ରଭୁଙ୍କୁ କେବଳ ଧଳାଫୁଲ ଲାଗି ହୋଇଥାଏ । ପଣା ଏବଂ ଚକଟା ଭୋଗ ଲାଗି ହୋଇଥାଏ । ଏହି ସମୟରେ ଶ୍ରୀମନ୍ଦିର ଅଣସର ପିଣ୍ଡିରେ ପଟ୍ଟି ଦିଅଁ ପୂଜା ପାଉଛନ୍ତି । ଶ୍ରୀଜଗନ୍ନାଥଙ୍କ ସ୍ଥାନରେ ଅନନ୍ତ ନାରାୟଣ, ଶ୍ରୀ ବଳଭଦ୍ରଙ୍କ ସ୍ଥାନରେ ଅନନ୍ତ ବାସୁଦେବ ଓ ଦେବୀ ସୁଭଦ୍ରାଙ୍କ ସ୍ଥାନରେ ମା ଭୁବନେଶ୍ୱରୀ ପଟ୍ଟି ଦିଅଁ ସ୍ଥାପନା ହେବା ସହ ପୂଜିତ ହେଉଛନ୍ତି । ନୀତି ଓ ପରମ୍ପରା ଅନୁଯାୟୀ ପଟ୍ଟି ଦିଅଁଙ୍କ ପୂଜାର୍ଚ୍ଚନା ଚାଲିଛି । ଜୟ ବିଜୟ ଦ୍ୱାର ନିକଟରେ ଖଟ ଉପରେ ମଦନମୋହନ ରାମକୃଷ୍ଣ, ଶ୍ରୀଦେବୀ ଭୂଦେବୀ, ମାଧବ ଓ ଶ୍ରୀ ନୃସିଂହ ପଟ୍ଟିଦିଅଁଙ୍କ ସହ ପୂଜା ପାଉଛନ୍ତି । ଯାହାକି ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ମାନବୀୟ ଲୀଳାଖେଳାର ଅନ୍ୟ ଏକ ନିଦର୍ଶନ । ଅନ୍ୟପକ୍ଷରେ ଏହି ସମୟରେ ଶ୍ରୀଜୀଉଙ୍କ ଦର୍ଶନ ବନ୍ଦ ରହିଛି ।

## ପଂଚାନନ କାନୁନଗୋ ହେଲେ ଇସ୍ତାହାର କମିଟି ଅଧ୍ୟକ୍ଷ

ଭୁବନେଶ୍ୱର,୯ ।୬(ପି.ଏନ): ଏଆଇସିସି ପକ୍ଷରୁ ଓଡିଶା କଂଗ୍ରେସର ବିଭିନ୍ନ କମିଟି ପାଇଁ ଅଧ୍ୟକ୍ଷ ଏବଂ ସଦସ୍ୟ ମାନଙ୍କ ନାଁ ଘୋଷଣା କରାଯାଇଛି । ସୂଚନା ଅନୁଯାୟୀ ପଂଚାନନ କାନୁନଗୋଙ୍କୁ ପିସିସି ଇସ୍ତାହାର କମିଟି ର ଅଧ୍ୟକ୍ଷ ଦାୟିତ୍ୱ ପ୍ରଦାନ କରାଯାଇଛି । ସେହିପରି କାର୍ଯ୍ୟକ୍ରମ କ୍ରିୟାନ୍ୱୟନ କମିଟି ଅଧ୍ୟକ୍ଷ ହୋଇଛନ୍ତି ଯଜ୍ଞେଶ୍ୱର ବାବୁ । ପ୍ରଚାର ଓ ପ୍ରସାର କମିଟି ଅଧ୍ୟକ୍ଷ ହୋଇଛନ୍ତି ସଂଜୟ ତ୍ରିପାଠୀ । ଅପରପକ୍ଷରେ ପିସିସି ଶୃଙ୍ଖଳା କମିଟି ପୁନର୍ଗଠନ କରିଛି ଏଆଇସିସି । ବିଧାୟକ ସନ୍ତୋଷ ସିଂ ସାଲୁଜାଙ୍କ ଅଧ୍ୟକ୍ଷତାରେ ୬ ଜଣିଆ ଶୃଙ୍ଖଳା କମିଟି ଗଠନ କରାଯାଇଛି । କମିଟିରେ ସନ୍ତୋଷ ସିଂ ସାଲୁଜା ଅଧ୍ୟକ୍ଷ ରହିଥିବା ବେଳେ ଜାନକୀ ବଲ୍ଲଭ ପଟ୍ଟନାୟକ କମିଟିର ଆବାହକ ନିଯୁକ୍ତ ହୋଇଛନ୍ତି । କମିଟିରେ ଭୁଜବଳ ମାଝୀ, ରାଜେନ୍ଦ୍ର ଛତ୍ରିଆ , ଦେବେନ୍ଦ୍ର ସାହୁ ଏବଂ ପ୍ରତିମା ମଲ୍ଲିକ ମଧ୍ୟ କମିଟି ସଦସ୍ୟ ନିଯୁକ୍ତ ହୋଇଛନ୍ତି ।

## ୨୧ କେଜି ଗଞ୍ଜେଇ ଜବତ, ଜଣେ ଗିରଫ

ବଲାଙ୍ଗିର, ୯ ।୬(ପି.ଏନ): ବଲାଙ୍ଗିର ଜିଲ୍ଲା ପୁଇଁତଳା ଥାନା ଅନ୍ତର୍ଗତ ମହାଦେବପାଲି ଗାଁରେ ଗତକାଲି ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ଚଢଉ କରାଯାଇ ୨୧ କେ.ଜି. ଗଞ୍ଜେଇ ଜବତ କରାଯାଇଛି । ଗଞ୍ଜେଇ ଚୋରା ଚାଲାଣ କରୁଥିବା ଅଭିଯୋଗରେ ଜଣେ ବ୍ୟକ୍ତିକୁ ଗିରଫ କରି କୋର୍ଟଚାଲାଣ କରିଛି ଅବକାରୀ ବିଭାଗ । ଏ ସଂକ୍ରାନ୍ତରେ ଗଞ୍ଜେଇ ଚୋରା ଚାଲାଣ ପାଇଁ ବ୍ୟବହୃତ ହେଉଥିବା ଏକ ମୋଟର ସାଇକେଲକୁ ମଧ୍ୟ ଅବକାରୀ ବିଭାଗ ତରଫରୁ ଜବତ କରାଯାଇଛି । ଗିରଫ ବ୍ୟକ୍ତିଙ୍କ ନାମ ବାଲେଶ୍ୱର ନାଗ ଓ ତା ଘର ବୌଦ୍ଧ ଜିଲ୍ଲା ବରପଦର ଗାଁ ବୋଲି ଜଣାପଡିଛି ।

# ୧୦ ଜିଲ୍ଲାର ଜିଲ୍ଲା ସଭାପତିଙ୍କ ନାଁ ଘୋଷଣା କଲା କଂଗ୍ରେସ

### କୋରାପୁଟ ଜିଲ୍ଲା ସଭାପତି ପଦରୁ ବାଦ୍ ପଡ଼ିଲେ ମିନାକ୍ଷୀ ବାହିନୀପତି

ଭୁବନେଶ୍ୱର, ୯ ।୬(ପି.ଏନ): ଏଆଇସିସି ପକ୍ଷରୁ ୧୦ଟି ଜିଲ୍ଲା ପାଇଁ କଂଗ୍ରେସ ସଭାପତିମାନଙ୍କର ନାମ ଘୋଷଣା କରାଯାଇଛି । ଦୀର୍ଘ ଦିନ ଧରି କୋରାପୁଟ ଜିଲ୍ଲା କଂଗ୍ରେସ ସଭାପତି ଦାୟିତ୍ୱରେ ଥିବା ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କ ପତ୍ନୀ ମିନାକ୍ଷୀ ବାହିନୀପତିଙ୍କୁ ସଭାପତି ପଦରୁ ହଟାଯାଇଛି । ତାଙ୍କ ସ୍ଥାନରେ ଦୁର୍ଗାଶଙ୍କର ସାହୁଙ୍କୁ ଦାୟିତ୍ୱ ଦିଆଯାଇଛି । ସେହିପରି ନୂଆପଡା ଜିଲ୍ଲାର ସଭାପତି ଭାବେ ସୁରେଶ କୁମାର ଆଜାଦ , କେନ୍ଦୁଝର ପାଇଁ ମୋହନ ପରିଡା, ପୁରୀ ପାଇଁ ଜୟରାମ ପଟ୍ଟନାୟକ , ଭଦ୍ରକରେ ଅଶୋକ ଦାସ, ଅନୁଗୁଳରେ ସଂଗ୍ରାମ ମିଶ୍ର, ସମ୍ବଲପୁରରେ ଆସିଫ ଅଲି ଖାନ୍, ସୁନ୍ଦରଗଡରେ ଦନାର୍ଦ୍ଦନ ଦେହୁରୀ, ରାୟଗଡାରେ ବିଜୟ କୁମାର ଗମାଙ୍ଗୋ ଏବଂ ଦେବଗଡ ଜିଲ୍ଲାପାଇଁ ସେମ୍ ହେମ୍ବ୍ରମ୍ ଙ୍କୁ ଜିଲ୍ଲା ସଭାପତି ଦାୟିତ୍ୱ ଦିଆଯାଇଛି । ଉଲ୍ଲେଖ ଥାଉ କି ଅନେକ ଦିନ ଧରି କୋରାପୁଟ ଜିଲ୍ଲା ସଭାପତି ପଦରେ ତାରାଙ୍କ ପତ୍ନୀ ମୀନାକ୍ଷୀ ବାହିନୀପତି ଦାୟିତ୍ୱ ତୁଲାଇଆସୁଥିଲେ । ସାଂସଦ ସପ୍ତଗିରୀ ଉଲାକାଙ୍କ ଗୋଷ୍ଠୀ ତାଙ୍କୁ ବଦଳାଇବାକୁ ଦିଲ୍ଲୀରେ ଲବି କରୁଥିବା ଚର୍ଚ୍ଚା ହେଉଥିଲା । ମୀନାକ୍ଷୀଙ୍କ ସ୍ଥାନରେ ଉଲ୍ଲାକାଙ୍କ ସମର୍ଥକଙ୍କୁ କୋରାପୁଟ ଜିଲ୍ଲାର ସଭାପତି କରିବାକୁ ସାଂସଦ ଉଦ୍ୟମ ଚଳାଇଛନ୍ତି ବୋଲି ଚର୍ଚ୍ଚା ଜୋର ଧରିଥିଲା । କିଛିଦିନ ତଳେ ବିଧାୟକ ତାରା ବାହିନୀପତି ପିସିସି ସଭାପତିଙ୍କୁ ଭେଟି ପୁର୍ନବାର ମିନାକ୍ଷୀ ବାହିନୀପତିଙ୍କୁ କୋରାପୁଟ ଜିଲ୍ଲା ସଭାନେତ୍ରୀ କରିବାକୁ ଦାବି କରିଥିଲେ । ତେବେ ଆଜି ମିନାକ୍ଷୀଙ୍କ ବଦଳରେ ଦୁର୍ଗାଙ୍କୁ ଦାୟିତ୍ୱ ମିଳିଛି ।

## ଅଚ୍ୟୁତ ସାମନ୍ତଙ୍କୁ ସମ୍ମାନସୂଚକ ଡକ୍ଟୋରେଟ୍



ଭୁବନେଶ୍ୱର,୯ ।୬(ପି.ଏନ): ଶିକ୍ଷାବିତ୍ ଓ ସମାଜସେବୀ ତଥା କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ଚେନ୍ନାଇସ୍ଥିତ ଭାରତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହାଇଅର ଏଜୁକେସନ ଆଣ୍ଡ ରିସର୍ଚ୍ଚ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ମାନସୂଚକ ଡକ୍ଟୋରେଟ୍ ପ୍ରଦାନ କରାଯାଇଛି । ଶୁକ୍ରବାର ବିଶ୍ୱବିଦ୍ୟାଳୟର ୩୯ତମ ଦୀକ୍ଷାନ୍ତ ସମାରୋହରେ ଶ୍ରୀ ସାମନ୍ତଙ୍କୁ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ମାନସୂଚକ ଡିଏସ୍‌ସି ପ୍ରଦାନ କରାଯାଇଛି । ଶିକ୍ଷା ଓ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ସକାଶେ ଶ୍ରୀ ସାମନ୍ତଙ୍କୁ ଏହି ସମ୍ମାନସୂଚକ ଡକ୍ଟୋରେଟ୍ ପ୍ରଦାନ କରାଯାଇଛି । କାର୍ଯ୍ୟ ବ୍ୟସ୍ତତା ଯୋଗୁଁ ଶ୍ରୀ ସାମନ୍ତ ବ୍ୟକ୍ତିଗତ ଭାବେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ହୋଇପାରି ନ ଥିବାରୁ ଭିଡିଓ ବାର୍ତ୍ତା ମାଧ୍ୟମରେ ଦୁଃଖ ପ୍ରକାଶ କରିଥିଲେ । ଏହା ହେଉଛି ଶ୍ରୀ ସାମନ୍ତଙ୍କ ୫୨ତମ ଡକ୍ଟୋରେଟ । ଏହି ସମ୍ମାନ ପାଇଁ ଶ୍ରୀ ସାମନ୍ତ ଭାରତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହାଇଅର ଏଜୁକେସନ ଆଣ୍ଡ ରିସର୍ଚ୍ଚ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ନିଜର କୃତଜ୍ଞତା ଜଣାଇଛନ୍ତି । ଏହା ତାଙ୍କୁ ସମାଜ ପାଇଁ ଆହୁରି ଅଧିକ କାର୍ଯ୍ୟ କରିବା ନିମନ୍ତେ ପ୍ରେରଣା ଯୋଗାଇବ ବୋଲି ଶ୍ରୀ ସାମନ୍ତ କହିଛନ୍ତି । ଏହି ଦୀକ୍ଷାନ୍ତ ସମାରୋହରେ କେନ୍ଦ୍ର ବହିର୍ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଡ. ରାଜକୁମାର ରଞ୍ଜନ ସିଂହ, ଇନ୍ଦିରାଗାନ୍ଧୀ ମୁକ୍ତ ବିଶ୍ୱବିଦ୍ୟାଳୟର ଉପକୁଳପତି ପ୍ରଫେସର କିରଣ ହଜାରିକା, ଭାରତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହାଇଅର ଏଜୁକେସନ ଆଣ୍ଡ ରିସର୍ଚ୍ଚ ବିଶ୍ୱବିଦ୍ୟାଳୟର କୁଳାଧିପତି ପ୍ରଫେସର ମହମ୍ମଦ ରେଲା, କୁଳପତି ପ୍ରଫେସର କେ. ବିଜୟ ଭାସ୍କର ରାଜୁ ପ୍ରମୁଖ ଉପସ୍ଥିତ ଥିଲେ ।

## ବାଲିପଡ଼ା ଛକରୁ ୩୦୦ କେଜି ଗଞ୍ଜେଇ ଜବତ : ୨ ଗିରଫ

ଗଞ୍ଜାମ, ୯ ।୬(ପି.ଏନ): ଅବକାରୀ ଗୁଇନ୍ଦା ବିଭାଗର ଏକ ଟିମ୍ ବାଲିପଡ଼ା ଛକରୁ ୩୦୦ କେ.ଜି. ଗଞ୍ଜେଇ ଜବତ କରିଛି । ଘଟଣାରେ ସମ୍ପୃକ୍ତ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ସେମାନେ ହେଲେ ଗଜପତି ଜିଲ୍ଲା ମୋହନା ଥାନା ଅନ୍ତର୍ଗତ ରୁଆମା ଗ୍ରାମର କୈଳାସ ଗୌଡ଼ ଓ ଢ଼େଙ୍କାସିନ୍ଧବା ଗ୍ରାମର ମୁନା ଗୌଡ଼ । ଅବକାରୀ ଟିମ୍ ଆଜି ବାଲିପଡ଼ା ରାସ୍ତାରେ ଗାଡ଼ି ଯାଂଚ୍ କରୁଥିଲା । ଏହି ସମୟରେ ସନ୍ଦେହରେ ଏକ ପିକଅପ୍ ଭ୍ୟାନ୍ କୁ ଅଟକାଇ ଯାଂଚ୍ ବେଳେ ଗାଡିରୁ ୬୦ଟି ପ୍ୟାକେଟ୍ ରେ ଥିବା ୩୦୦ କେଜି ଗଞ୍ଜେଇ ଜବତ ହୋଇଥିଲା ।

# କଲବଲ କଲା ତାତି; ଝାରସୁଗୁଡାରେ ରେକର୍ଡ କଲା ପାରଦ



ଭୁବନେଶ୍ୱର,୯ ।୬(ପି.ଏନ): ଆଜି ରେକର୍ଡ କରିଛି ପାରଦ । ୪୫.୬ ଡିଗ୍ରୀ ସହ ଝାରସୁଗୁଡାର ପାରଦ ଆଜି ରେକର୍ଡ କରିଛି । ଯାହା ଚଳିତ ଗ୍ରୀଷ୍ମ ଋତୁରେ ବର୍ତ୍ତମାନ ସୁଦ୍ଧା ଦିନର ସର୍ବୋଚ୍ଚ ତାପମାତ୍ରା ବୋଲି କହିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର । ତା'ପଛକୁ ରହିଛି ସମ୍ବଲପୁର । ଏଠାରେ ତାପମାତ୍ରା ୪୫. ୨ ଡିଗ୍ରୀ ରେକର୍ଡ କରାଯାଇଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ଜାରି କରିଥିବା ବୁଲେଟିନ୍ ? ଅନୁସାରେ ସୋନପୁରରେ ୪୪.୮ ଡିଗ୍ରୀ, ହୀରାକୁଦରେ ୪୪.୭ ଡିଗ୍ରୀ, ବୌଦ୍ଧରେ ୪୪.୬ ଡିଗ୍ରୀ, ବଲାଙ୍ଗିରରେ ୪୪.୦ ଡିଗ୍ରୀ, ସୁନ୍ଦରଗଡରେ ୪୩.୮ ଡିଗ୍ରୀ, ରାଉରକେଲାରେ ୪୩.୬ ଡିଗ୍ରୀ, ଭବାନୀପାଟଣାରେ ୪୩.୬ ଡିଗ୍ରୀ, ଟିଟିଲାଗଡରେ ୪୩.୫ ଡିଗ୍ରୀ,

## ବାଲେଶ୍ୱର ରେଳ ଟ୍ରାଜେଡି ବେଳେ ସିଙ୍ଗାପୁରରେ ଚାଲିଥିବା ବିଜେଡି ଟିମ୍‌ର ସେଲିବ୍ରେସନ



ବାଲେଶ୍ୱର,୯ ।୬(ପି.ଏନ): ରାଜ୍ୟରେ ରେଳ ଟ୍ରାଜେଡି । ସେପଟେ ଫରେନ ଟୁରରେ ଟିମ୍ ବିଜେଡି । ବାହାନଗା ରେଳ ଟ୍ରାଜେଡି ବେଳେ ବିଜେଡି ନେତାଙ୍କ ଫରେନ୍ ଟୁରକୁ ନେଇ ଚର୍ଚ୍ଚା । ଶୁକ୍ରବାର ସନ୍ଧ୍ୟାରେ ରେଳ ଦୁର୍ଘଟଣା ଘଟିଥିବା ବେଳେ ଶନିବାର ବିଦେଶ ଗସ୍ତରେ ବାହାରିଥିଲେ ବିଜେଡିର ଜଣେ ମନ୍ତ୍ରୀ ୮ ବିଧାୟକ ଆଉ ୩ ମେୟର । ଏମିତିକି ଖୋଦ ସୋର ବିଧାୟକ ପର୍ଶୁରାମ ଧଡା ବି ବିଦେଶ ବୁଲୁଥିଲେ ଆଉ ପୋଜ ଦେଇ ଫୋଟୋ ଉଠାଉଥିଲେ । ଯାହାକୁ ଦୁର୍ଭାଗ୍ୟଜନକ କହି ଶାସକ ଦଳକୁ ଘେରିଛନ୍ତି ବିରୋଧୀ । ଶନିବାର ବାହାନଗା ଦୁର୍ଘଟଣାସ୍ଥଳରୁ ଯେତେବେଳେ ମୃତଦେହ ଉଦ୍ଧାର ଚାଲିଥିଲା ସେତେବେଳେ ସିଙ୍ଗାପୁରରେ ଚାଲିଥିଲା ଶାସକ ଦଳର ସେଲିବ୍ରେସନ । ଏପଟେ ବାଲେଶ୍ୱରରେ ଶବର ପାହାଡ ଛିଡା ହୋଇଥିଲା ତ, ସେପଟେ ବିଜେଡି ବିଧାୟକଙ୍କ ଚାଲିଥିଲା ବିଦେଶ ଭ୍ରମଣ । ବାହାନଗା ପୀଡିତଙ୍କ ପାଇଁ ଯେତେବେଳେ ସାରା ବିଶ୍ୱ ପ୍ରାର୍ଥନା କରୁଥିଲା, ସେତେବେଳେ ସିଙ୍ଗାପୁରରେ ବିଜେଡି ନେତା ପାଳୁଥିଲେ ଓଡିଶା ଦିବସ ଉତ୍ସବ ।ନା ସେଦିନ ଥିଲା ଏପ୍ରିଲ ୧ । ନା ଥିଲା ଉତ୍କଳ ଦିବସ । ତଥାପି ଜରୁରୀ ଉତ୍ସବ ଭାବେ ଏହି କାର୍ଯ୍ୟକ୍ରମକୁ ବିଜେଡି ପାଳନ କରିଛି । ଯାହା ଏବେ ରାଜ୍ୟସାରା ଜନମାନସରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି ।

# ଫିରିଙ୍ଗିଆ ଥାନା ବାଲିଗଟା ଗାଁରେ ପୋଲିସ ନାମରେ ଡକାୟତି, ୮ ଡକାୟତ ଗିରଫ

କନ୍ଧମାଳ, ୯ ।୬(ପି.ଏନ): କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକରେ ଗତ ଗୁରୁବାର ବାଲିଗଟା ଅଂଚଳରେ ପୋଲିସ ପୋଷାକ ସହ ପୋଲିସ ପରିଚୟ ଦେଇ ରାତି ୧୧ଟା ବେଳେ ଡକାୟତି କରୁଥିବା ବେଳେ ଗାଁ ଲୋକଙ୍କ ଦ୍ୱାରା ଧରା ପଡି ନିର୍ଘୁମ ଛେଚା ଖାଇବା ପରେ ସକାଳେ ଫିରିଙ୍ଗିଆ ଥାନାକୁ ଖବର ଦେଇଥିଲେ ଗ୍ରାମବାସୀ । ତେବେ ମାରଣାସ୍ତ୍ର ଦେଖାଇ ଲୋକଙ୍କୁ ଭୟଭୀତ କରି ୨ ଜଣଙ୍କୁ ଛାଡ଼ିଦେଇ ଜଙ୍ଗଲରେ ପଶିଥିଲେ ଉତ୍ୟକ୍ତ ଗାଁ ଲୋକେ । ରାତି ତମାମ ଜଙ୍ଗଲକୁ ଘେରି ରହିଥିଲେ । ତେବେ ସକାଳେ ଫିରିଙ୍ଗିଆ ପୋଲିସକୁ ଖବର ଦେବା ପରେ ଫିରିଙ୍ଗିଆ ପୋଲିସ ଘଟଣାସ୍ଥଳରେ ପହଂଚି ଲୋକଙ୍କ କବଳରୁ ୨ ଜଣଙ୍କୁ ଉଦ୍ଧାର କରିଥିବା ବେଳେ ୭ ତାରିଖ ସନ୍ଧ୍ୟା ସୁଦ୍ଧା ପୁଣି ଜଙ୍ଗଲରୁ ୪ ଜଣକୁ ଗାଁ ଲୋକଙ୍କ ସାହାଯ୍ୟରେ ଧରିଥିଲେ । ଜଙ୍ଗଲରେ ୭ ରୁ ୮ ଜଣ ଡକାୟତ ଲୁଚି ରହିଥିବା ବେଳେ ୮ ତାରିଖ ପୁଣି ୨ ଜଣଙ୍କୁ ଜଙ୍ଗଲରୁ ଲୋକଙ୍କ ସାହାଯ୍ୟରେ ଧରି ଫିରିଙ୍ଗିଆ ଥାନାକୁ ଆଣିଥିଲେ । ୩ ଦିନ ଭିତରେ ୮ ଜଣ ଡକାୟତଙ୍କୁ ଗିରଫ କରାଯାଇଥିବା ନେଇ, ଫିରିଙ୍ଗିଆ ଥାନାରେ ସଦର ଏସଡିପିଓ ସୁପ୍ରସନ୍ନ ମଲିକ ଓ ଫିରିଙ୍ଗିଆ ଥାନା ଅଧିକାରୀ ତପନ କୁମାର ନାହାକ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ଏମାନଙ୍କ ମଧ୍ୟରେ ବାହାର ଜିଲ୍ଲାର କିଛି ପେସାଦାର କୁଖ୍ୟାତ ଡକାୟତ ରହିଥିବା ବେଳେ ସେମାନଙ୍କ ନାମରେ ଜିଲ୍ଲା ସମେତ ଜିଲ୍ଲା ବାହାରେ ମଧ୍ୟ ବିଭିନ୍ନ ଚୋରି ଡକାୟତି ଓ ଅପରାଧିକ ମାମଲା ଥିବା ପୋଲିସ ସୂଚନା ଦେଇଛି । କନ୍ଧମାଳ ଜିଲ୍ଲା ଓ ଫିରିଙ୍ଗିଆ ବ୍ଲକରୁ ମଧ୍ୟ କିଛି ଡକାୟତ ଏହି ଗ୍ୟାଙ୍ଗରେ ସାମିଲ ଥିବା ସୂଚନା ମିଳିଛି ।ଗିରଫ ଅଭିଯୁକ୍ତ ମାନେ ହେଲେ କଟକ ଜିଲ୍ଲା ଆଠଗଡ଼ ଥାନା ଟୈଳ ମାହା ଗାଁର ଅଶୋକ କୁମାର ରାଉତ, ସିପୁଲ କୁମାର କବି, ରାଧା ବଲ୍ଲଭ ପୁର, ମାନଭଞ୍ଜ ପ୍ରଧାନ ସାମସରପୁର ଗାଁ ର ହୋଇଥିବା ବେଳେ ସମସ୍ତେ କଟକ ଜିଲ୍ଲାର ବୋଲି ପୋଲିସ ସୂଚନା ଦେଇଛି । ସେହିପରି କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଥାନା ବାଲି ଗଟା ଗାଁ ର ଜୋସେଫ ଦିଗାଲ, ଅଙ୍ଗଦ ଦିଗାଲ ବୋଲି ଜଣା ପଡିଛି । ସେହିପରି ଫିରିଙ୍ଗିଆ ଥାନା ସରୁକୋଇ ଗାଁ ର ରଞ୍ଜନ ସାହାଣୀ, କଡୁ ରାହା ଗାଁ ର କୀର୍ତିମ ଦିଗାଲ ଓ ଫୁଲବାଣୀ ଟାଉନ ଥାନା କେନ୍ଦୁ ପଦର ଗାଁ ର ଶଙ୍କର ଦିଗାଲ ବୋଲି ପୋଲିସ ସୂଚନା ଦେଇଛି । ଡକାୟତିରେ ବ୍ୟବହୃତ ପାସେଞ୍ଜର ବୋଲେରୋ, ଡାଲା ବୋଲେରୋ ସହ ୪ ଟି ଦେଶୀ ବନ୍ଧୁକ, ଗୋଟିଏ ମାଉଜର, ୪ ଟି ଜୀବନ୍ତ ଗୁଳି, ପୋଲିସ ପୋଷାକ, ନଗଦ ଟଙ୍କା, ମୋବାଇଲ, ମରଣାସ୍ତ୍ର ସହ ଅନ୍ୟାନ୍ୟ ଜିନିଷ ଜବତ କରିଛି ପୋଲିସ । ଅନ୍ୟ ପଟେ ଫିରିଙ୍ଗିଆ ଥାନାରେ ଏ ସଂକ୍ରାନ୍ତରେ ଏକ ଡକାୟତି ମାମଲା ରୁଜୁ ହୋଇଥିବା ଫିରିଙ୍ଗିଆ ଥାନା ସୂତ୍ରରୁ ଜଣାପଡିଛି ।










# ଟି ଟାଇମ୍



## ଜୋକ୍ସ

ଚିଣ୍ଟୁ-ବାପା କାଲି ଆମ ସ୍କୁଲକୁ ଯିବ, ଗୋଟେ ଛୋଟିଆ ଗେଟ ଟୁଗେଦର ଅଛି
ବାପା-କିଏ କିଏ ଆସୁଛନ୍ତି ?
ଚିଣ୍ଟୁ-କେହି ନୁହେଁ, ମୁଁ ତମେ ଆଉ ପ୍ରିନ୍ସପାଲ।

ହରି-ମୁଁ ଯେତେବେଳେ ଏଠାକୁ ଆସିଲି ଖାଲି ପାଦରେ ଆସିଥିଲି ।
ଶାମ- ମୁଁ ତ ଖାଲି ଦେହରେ ଆସିଥିଲି।
ହରି-କିପରି ?
ଶାମ- ମୁଁ ପରା ଏଇଠି ଜନ୍ମ ହୋଇଛି ।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

# ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ପୁରାଣ କାହାଣୀ

# ରାମାୟଣ ଆଦ୍ୟକାଣ୍ଡ



ସରଜୁ ନଦୀ କୂଳରେ ଅବସ୍ଥିତ ଅଯୋଧ୍ୟା ନଗରୀ ହେଉଛି କୋଶଳ ରାଜ୍ୟର ରାଜଧାନୀ। କୋଶଳ ନରେଶ ରାଜା ଦଶରଥଙ୍କ ରାଜତ୍ୱ କାଳରେ ପ୍ରଜାମାନେ ଅତ୍ୟନ୍ତ ସୁଖରେ କାଳାତିପାତ କରୁଥିଲେ। ରାଜା ଦଶରଥଙ୍କ ତିନି ରାଣୀ ଥିଲେ କୌଶଲ୍ୟା, କୈକେୟୀ ଏବଂ ସୁମିତ୍ରା। ମାତ୍ର ବହୁ ଦିନ ଧରି ରାଜା ଅପୁତ୍ରୀକ ଥିଲେ। ତେଣୁ ଋଷି ବଶିଷ୍ଠଙ୍କ ପରାମର୍ଶ କ୍ରମେ ଋଶ୍ୟଶୃଙ୍ଗ ମୁନୀଙ୍କୁ ନିମନ୍ତ୍ରଣ କରି ତାଙ୍କରି ଦ୍ୱାରା ରାଜା ପୁତ୍ରଷ୍ଟି ଯଜ୍ଞର ଆୟୋଜନ କଲେ। ଯଜ୍ଞର ଫଳର ସ୍ୱରୂପ ପ୍ରଥମେ ରାଣୀ କୌଶଲ୍ୟାଙ୍କ ଗର୍ଭରୁ ରାମ, ରାଣୀ କୈକେୟୀଙ୍କ ଗର୍ଭରୁ ଭରତ ଏବଂ ସୁମିତ୍ରାଙ୍କ ଗର୍ଭରେ ଲକ୍ଷ୍ମଣ ଓ ଶତ୍ରୁଘ୍ନ ଜନ୍ମ ନେଲେ। ପୁରାଣ କହେ, ରାକ୍ଷାସ ରୂପି ରାବଣ ଦେବଗଣଙ୍କୁ ଅତ୍ୟାଚାର କରୁଥିଲା ଏବଂ ରାବଣର ମୃତ୍ୟୁ ମାନବାତାର ରାମଙ୍କ ଦ୍ୱାରା ନିଶ୍ଚିତ ଥିଲା। ତେଣୁ ରାବଣ ବଦ୍ଧ ନିମନ୍ତେ ମର୍ତ୍ତ୍ୟରେ ମାନବ ଅବତାର ଧାରଣ କରିବାକୁ ଭଗବାନ ବିଷ୍ଣୁ ଇଚ୍ଛା ପ୍ରକଟ କରନେତ୍ ତାଙ୍କରି ଅଂଶରୁ ଭଗବାନଙ୍କ ଗୁଣ ସମ୍ପନ୍ନ ଚାରିପୁଅ ଦଶରଥଙ୍କ କୋଳରେ ଜନ୍ମ ଗ୍ରହଣ କରିଥିଲେ। ସମୟ କ୍ରମେ ଚାରିପୁଅ ଶାସ୍ତ୍ର ବିଦ୍ୟା ଅଧ୍ୟୟନ ସହ ଶାସ୍ତ୍ର ବିଦ୍ୟାରେ ନିପୁଣତା ହାସଲ କଲେ। ରାମଙ୍କୁ ହୋଇଥାଏ ୧୬ ବର୍ଷ ବୟସ। ଋଷି ବିଶ୍ୱାମିତ୍ର ଦିନେ ରାଜା ଦଶରଥଙ୍କ ଦରବାରକୁ ଆସିଲେ। ବଣରେ ଯଜ୍ଞ ନଷ୍ଟ କରୁଥିବା ଅସୁର ଗଣଙ୍କୁ ନିପାତ କରିବା ପାଇଁ ସହାୟତା ସ୍ୱରୂପ ସେ ରାଜା ଦଶରଥଙ୍କୁ ପୁତ୍ର ରାମଙ୍କୁ ମାଗିଲେ। ଭ୍ରାତା ଲକ୍ଷ୍ମଣ ରାମଙ୍କୁ ଅନୁସରଣ କରିବାକୁ ଇଚ୍ଛା ପ୍ରକଟ କରନ୍ତେ ରାଜାଙ୍କ ସମ୍ମତି କ୍ରମେ ଋଷି ରାମ ଓ ଲକ୍ଷ୍ମଣଙ୍କୁ ଧରି ବଣକୁ ଚାଲିଲେ। ସମୟ କ୍ରମେ ରାମ ଓ ଲକ୍ଷ୍ମଣ ଋଷି ମିଶ୍ୱାମିତ୍ରଙ୍କଠାରୁ ବହୁ ଶସ୍ତ୍ର ବିଦ୍ୟା ସହିତ ବିଭିନ୍ନ ଦୈବୀ ଅସ୍ତ୍ର ମଧ୍ୟ ଲାଭ କଲେ ଓ ଋଷିଙ୍କ ହୋମରେ ବିଘ୍ନ ସୃଷ୍ଟି କରୁଥିବା ତାଡକା ଅସୁରୁଣୀ ସହିତ ଅନ୍ୟାନ୍ୟ ଅସୁରମାନଙ୍କୁ ବଦ୍ଧ କଲେ।

# ଗରିବରୁ ହେଲେ ଧନୀ

ଗରିବ ଚାଷୀ ପରିବାରରେ ଜନ୍ମ ହୋଇଥିଲା ତାଙ୍କର। ମାତ୍ର ନିଜର ଦୃଢଇଚ୍ଛା ଶକ୍ତି ଓ ପରିଶ୍ରମ ବଳରେ ସେ ଆଜି ପାଇଛନ୍ତି ସଫଳତା। କୌଣସି ଡିଗ୍ରୀ ନଥାଇ ମଧ୍ୟ ସେ ଆଜି ସଫଳ ଉଦେଷ୍ୟାଗପତି। ପ୍ରତିଷ୍ଠା କରିଛନ୍ତି ଏୟାରଲାଇନ କମ୍ପାନୀ। ଯାହାଦ୍ୱାରା ତାଙ୍କ ଅଞ୍ଚଳରେ ଜମୁଛି ପର୍ଯ୍ୟଣ୍ଟ୍ୟଟକଙ୍କ ଭିଡ। ଏହି ଉଦେଷ୍ୟାଗପତି ଜଣକ ହେଉଛନ୍ତି ବୁଦ୍ଧିପ୍ରକାଶ ଠାକୁର। ହିମାଚଳ ପ୍ରଦେଶ କୁଲୁ ଜିଲ୍ଲାର ଖାକନାଲ ଗ୍ରାମରେ ଏକ ଚାଷୀ ପରିବାରରେ ଜନ୍ମ ହୋଇଥିଲା ବୁଦ୍ଧି ପ୍ରକାଶଙ୍କର। ତାଙ୍କ ବାପା ନିଜ ଅଧିନରେ ଥିବା କିଛି ଜମି ଚାଷ କରି ପରିବାର ପ୍ରତିପୋଷଣ କରୁଥିଲେ। ନିଜେ ଅଶିକ୍ଷିତ ହେଲେ ମଧ୍ୟ ପିଲାମାନଙ୍କୁ ପାଠପଢାର ସୁଯୋଗ ଦେଇଥିଲେ ତାଙ୍କ ବାପା। ଯାହାଦ୍ୱାରା ବୁଦ୍ଧି ପ୍ରକାଶ ଓ ତାଙ୍କ ଦୁଇ ଭାଇ ଗ୍ରାମର ଏକ ସରକାରୀ ସ୍କୁଲରେ ପାଠପଢୁଥିଲେ। ପାଠପଢା ସହ ମଧ୍ୟ ବୁଦ୍ଧି ପ୍ରକାଶ ତାଙ୍କ ବାପାଙ୍କୁ ଚାଷ କାର୍ଯ୍ୟଣ୍ଟ୍ୟରେ ସାହାଯଣ୍ଟ୍ୟ କରୁଥିଲେ। ସ୍କୁଲ ଶେଷ କରିବା ପରେ ବୁଦ୍ଧି ଉଚ୍ଚ ଶିକ୍ଷା ପାଇଁ ଚାଲିଯାଇଥିଲେ ଚଣ୍ଡିଗଡ। ସେଠାରେ ଯୁକ୍ତ ଦୁଇ ଶେଷ କରିବା ପରେ ଚଣ୍ଡିଗଡ ବିଶ୍ୱବିଦଣ୍ଟ୍ୟାଳୟରେ ସ୍ନାତକରେ ନାମ ଲେଖାଇଥିଲେ। ନାମ ସିନା ଲେଖାଇଦେଲେ କିନ୍ତୁ ପଢା ଶେଷ କରିପାରିଲେ ନାହିଁ। ପରିବାରର ଆର୍ଥିକ ଅବସ୍ଥା ତାଙ୍କୁ ଆଗକୁ ପଢିବା ପାଇଁ ଦେଇନଥିଲା ଏବଂ ସେ ଫେରି ଆସିଥିଲେ ଗ୍ରାମକୁ। ବାପାଙ୍କ ସହ ମିଶି ଆରମ୍ଭ କଲେ ସେଓ ଚାଷ। ଯାହାକି ଧୀରେ ଧୀରେ କରି ବୃଦ୍ଧି ପାଇଥିଲା। ନିଜ ଅଞ୍ଚଳ ବଣ୍ଟ୍ୟତୀତ ଅନଣ୍ଟ୍ୟ ରାଜଣ୍ଟ୍ୟରେ ବିକ୍ରି କରିବା ଆରମ୍ଭ କରିଥିଲେ ସେମାନେ। ଯାହାଦ୍ୱାରା ପରିବାରର ଆର୍ଥିକ ଅବସ୍ଥାରେ କିଛିମାତ୍ରାରେ ସୁଧାର ଆସିଥିଲା। ମନାଲିଠାରୁ ମାତ୍ର ୯କିଲୋମିଟର ଦୂରରେ ଥିବା ତାଙ୍କ ଗ୍ରାମକୁ ଭ୍ରମଣ ଋତୁରେ ଅନେକ ସଂଖଣ୍ଟ୍ୟାରେ ପର୍ଯ୍ୟଣ୍ଟ୍ୟଟକଙ୍କ ଭିଡ ଲାଗିଥାଏ। ବର୍ଷକୁ ବର୍ଷ ପର୍ଯ୍ୟଣ୍ଟ୍ୟଟକଙ୍କ ବର୍ଦ୍ଧିତ ସଂଖଣ୍ଟ୍ୟାକୁ ଦୃଷ୍ଟିରେ ରଖି ବୁଦ୍ଧିପ୍ରକାଶ ଓ ତାଙ୍କ ବାପା ନିଜ ଗ୍ରାମରେ ଏକ ପାଞ୍ଚ ରୁମ ବିଶିଷ୍ଟ ଯାତ୍ରୀ ନିବାସ ନିର୍ମାଣ କରିଥିଲେ। ଏହାର ପ୍ରାୟ ୬ବର୍ଷ ପରେ ତାଙ୍କର ଏହି ଯାତ୍ରୀ ନିବାସ ସାର୍ଥକ ରିସୋର୍ଟରେ ପରିବର୍ତ୍ତିତ ହୋଇଥିଲା। ୫ଟି ରୁମ ବଦଳରେ ୬୫ଟି ରୁମ ରହିଲା। ରିସୋର୍ଟ ଭଲ ଚାଲିବା ସହ ତାଙ୍କ ପରିବାରର ଆର୍ଥିକ ଅବସ୍ଥାରେ ମଧ୍ୟ ବହୁ ସୁଧାର ଆସିଥିଲା। ଧୀରେ ଧୀରେ କରି ବୁଦ୍ଧିପ୍ରକାଶ ମନାଲି ର ପ୍ରତି ଅଞ୍ଚଳରେ ଜଣେ ସମ୍ମାନସ୍ପଦ ହୋଟେଲ ମାଲିକ ଭାବେ ପରିଚିତ ହୋଇଗଲେ। ବିଭିନ୍ନ ଟୁରିଜିମ କମ୍ପାନୀ ମାନଙ୍କ ସହ କାର୍ଯ୍ୟଣ୍ଟ୍ୟ କରିବାର କିଛିବର୍ଷ ପରେ ସେ ହିମାଳୟ ହଲିଡେଜ ନାମରେ ନିଜର ଏକ କମ୍ପାନୀ ଆରମ୍ଭ କରିଥିଲେ। ଏହି କମ୍ପାନୀ ପର୍ଯ୍ୟଣ୍ଟ୍ୟଟକ ମାନଙ୍କୁ ସେମାନଙ୍କୁ ଇଚ୍ଛା ଓ ବଜେଟ ଅନୁଯାୟୀ ସ୍ଥାନକୁ ବୁଲାଇନେଲା। ମାତ୍ର ଏତିକିରେ ତାଙ୍କ ମନଭରି ନଥିଲା। ସେ ଚାହୁଁଥିଲେ କି ଅଧିକରୁ ଅଧିକ ପର୍ଯ୍ୟଣ୍ଟ୍ୟଟକ ମନାଲି ଆସିବା ସହ ତାଙ୍କ ଗ୍ରାମକୁ ମଧ୍ୟ ଆସନ୍ତୁ। କିନ୍ତୁ ଏଥିରେ ବାଧା ସାଜୁଥିଲା ଗମନାଗମନ। ମନାଲିକୁ ସିଧାସଳଖ ଟ୍ରେନ କିମ୍ବା ବିମାନ ଯାଉନଥିଲା ଏବଂ ବସରେ ଯିବା ପର୍ଯ୍ୟଣ୍ଟ୍ୟଟକଙ୍କ ପାଇଁ ବିପଦଜ୍ଜନକ ହେଉଥିଲା। ଏହି ଅସୁବିଧା ସବୁକୁ ଦୂର କରିବା ପାଇଁ ବୁଦ୍ଧିପ୍ରକାଶ ହିମାଳୟ ହଲିଡେଜ କମ୍ପାନୀ ଅଧିନରେ ଆରମ୍ଭ କଲେ ଏୟାର ହିମାଳୟ ନାମରେ କମ୍ପାନୀ। ନିଜ ସଞ୍ଚିତ ଅର୍ଥ ଓ ବଣ୍ଟ୍ୟାଙ୍କରୁ ଋଣ କରି ନିଜ ଅଞ୍ଚଳରେ ପ୍ରତିଷ୍ଠା କଲେ ଏହି ପ୍ରଥମ ଘରୋଇ ବିମାନ ଚଳାଚଳ କମ୍ପାନୀ। ୨୦୧୪ ଅପ୍ରେଲରେ ଅନଣ୍ଟ୍ୟ ଏକ କମ୍ପାନୀ ଠାରୁ ୯ଟି ସିଟ ଥିବା ଏକ ବିମାନ ଭଡାରେ ଆଣି ଚଣ୍ଡିଗଡ ଠାରୁ କୁଲୁ ରୁଟରେ ଚଳାଇଥିଲେ। ପର୍ଯ୍ୟଣ୍ଟ୍ୟଟକଙ୍କ ଭିଡକୁ ଲକ୍ଷଣ୍ଟ୍ୟ କରି ବିମାନକୁ ଦିନରେ ଦୁଇରୁ ତିନି ଥର ଚଳାଯାଇଥିଲା। କିନ୍ତୁ ୨୦୧୫ ବୁଦ୍ଧିପ୍ରକାଶଙ୍କ ପାଇଁ ଖରାପ ସମୟ ଆଣିଥିଲା। କମ୍ପାନୀ ପ୍ରତିଷ୍ଠା ସମୟର ଜଣେ ସହଯୋଗୀ ହାତ ଛାଡି ଦେଇଥିବାରୁ ଏକାକୀ ବୁଦ୍ଧିଙ୍କୁ ସମସ୍ତ କାର୍ଯ୍ୟଣ୍ଟ୍ୟ ସମ୍ଭାଳିବାକୁ ପଡିଥିଲା। ଆର୍ଥିକ ସଙ୍କଟ ଯୋଗୁଁ ବଣ୍ଟ୍ୟବସାୟରେ ମାନ୍ଦାବସ୍ଥା ଆସିଥିଲା। ତଥାପି ମଧ୍ୟ ବୁଦ୍ଧି ହାର ମାନିନଥିଲେ। ତାଙ୍କର ନିଷ୍ଠା ଆଜି ବି ଏୟାର ହିମାଳୟକୁ ଭାଙ୍ଗିବାକୁ ଦେଇନାହିଁ। ବୁଦ୍ଧିପ୍ରକାଶଙ୍କ କହିବାନୁଯାୟୀ, ରାସ୍ତା କଠିନ ହୋଇଥିଲେ ମଧ୍ୟ ମୁଁ ମୋ ସ୍ୱପ୍ନ ପୂରଣ କରିବାରୁ ବିଚ୍ୟୁଣ୍ଟ୍ୟତି ହେବି ନାହିଁ।



# ବିହାରରେ ହେବ ବିଶ୍ୱର ସବୁଠାରୁ ବଡ଼ ମନ୍ଦିର



ପାଟନା ଖୁବଶୀଘ୍ର ବିହାରରେ ତିଆରି ହେବାକୁ ଯାଉଛି ବିଶ୍ୱର ସବୁଠାରୁ ବଡ଼ ମନ୍ଦିର। ଏଥିପାଇଁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟଣ୍ଟ୍ୟାୟରେ ପହଞ୍ଚି ସାରିଛି। ପୂର୍ବରୁ ଏହି ମନ୍ଦିର ତିଆରି ପାଇଁ ତାରିଖ ଧାର୍ଯ୍ୟଣ୍ଟ୍ୟ ହୋଇଥିଲା ବେଳେ କାମ୍ବୋଡିଆ ସରକାରଙ୍କ ବିରୋଧ କାରଣରୁ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରାଯାଉଛି। ପାଟନାସ୍ଥିତ ମହାବୀର ମନ୍ଦିର ଟ୍ରଷ୍ଟର କିଶୋର କୁଣାଳ କହିଛନ୍ତି ଯେ ଆମେ ଏଠାରେ ଏକ ବିରାଟ ରାମାୟଣ ମନ୍ଦିର ନିର୍ମାଣର ନିଷ୍ପତ୍ତି ନେଇଛୁ। ତେବେ କାମ୍ବୋଡିଆ ସରକାର ଅଭିଯୋଗ ଆଣିଥିଲେ ଯେ ପ୍ରସ୍ତାବିତ ମନ୍ଦିରର ଢାଞ୍ଚା ତାଙ୍କ ଦେଶରେ ଥିବା ଅଙ୍ଗକୋର ବାଟ ମନ୍ଦିରର ଢାଞ୍ଚା ସହ ଦିଶୁଛି। ସେଥିପାଇଁ ଆମେ ଏବେ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରିସାରିଛୁ। ଆସନ୍ତା ହୋଲି ପର୍ବ ପରେ ମନ୍ଦିର ନିର୍ମାଣ କାର୍ଯ୍ୟଣ୍ଟ୍ୟ ଆରମ୍ଭ ହେବ। ପ୍ରସ୍ତାବିତ ମନ୍ଦିରଟି ପଶ୍ଚିମ ଚମ୍ପାରଣଣ୍ଟ୍ୟ ଜିଲାର କେସରିଆ ନିକଟ ଜାନକି ନଗରର ୧୬୫ଏକର ସ୍ଥାନରେ ତିଆରି ହେବ। ପ୍ରଥମ ପର୍ଯ୍ୟଣ୍ଟ୍ୟାୟରେ ରାମାୟଣ ମନ୍ଦିର, ଶିବ ମନ୍ଦିର ଏବଂ ମହାବୀର ମନ୍ଦିରର ନିର୍ମାଣ ହେବାକୁ ଥିବା ବେଳେ ଏବାବଦରେ ୨୦୦କୋଟି ଟଙ୍କା ଖର୍ଚ୍ଚ କରାଯିବ। ମନ୍ଦିରର ମୁଖଣ୍ଟ୍ୟ ଆକର୍ଷଣ ହେଉଛି ଏହାର ୪୦୫ଫୁଟ ଉଚ୍ଚ ଅଷ୍ଟଭୂଜିୟ ମିନାର। ଏହା କାମ୍ବୋଡିଆର ମନ୍ଦିରର ମିନାର ଠାରୁ ୨୧୫ଫୁଟ ଅଧିକ ଉଚ୍ଚ ହେବ। ଏଥିସହ ମନ୍ଦିର ପରିସରରେ ୪୪ଫୁଟ ଉଚ୍ଚ ଏବଂ ୩୩ଫୁଟ ଗୋଲେଇ ବିଶିଷ୍ଟ ଏକ ଶିବ ଲିଙ୍ଗ ମଧ୍ୟ ପ୍ରତିଷ୍ଠା କରାଯିବାର ଯୋଜନା ରହିଛି। ଯାହା ବିଶ୍ୱର ସବୁଠାରୁ ବଡ଼ ଶିବ ଲିଙ୍ଗ ହେବ।

# ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ



ଓଡିଶା ମୟୂରଭଂଜ ଜିଲ୍ଲାର ବାରିପଦା ଠାରେ ଜନ୍ମିତ ଜଣେ ସୁଶାସକ ଓ ଭାଷା ଆନ୍ଦୋଳନର ପୁରୋଧା ଥିଲା। ସେ ରାଜ୍ୟର ମଙ୍ଗଳ ତଥା ପ୍ରଜାଙ୍କ ହିତ ପାଇଁ ସର୍ବଦା ଚେଷ୍ଟିତ୍ ଥିଲେ। ଶ୍ରୀରାମଚନ୍ଦ୍ର ଜଣେ ସରଳ ଓ ଅମାୟିକ ବ୍ୟକ୍ତି ଭାବେ ପରିଚିତ ଥିଲେ। ଛାତ୍ର ବୟସରେ ସହପାଠୀଙ୍କ ସହିତ ସରଳ ଭାବରେ ମିଶୁଥିଲେ। ପାଠ ପଢୁଥିବା ସମୟରେ ସେ ଅନେକ ସ୍ଥାନ ବୁଲି ଯାଇଥିଲେ। ମାତ୍ର ରାଜବେଶ ବା ରାଜ ଢ଼ଙ୍ଗଢ଼ାଙ୍ଗରେ ସେ ଯିବାକୁ ଇଚ୍ଛା କରୁନଥିଲେ। ତାଙ୍କର ଏହି ସରଳ ପ୍ରକୃତି ଯୋଗୁଁ ସେ ସବୁଠାରେ ସମସ୍ତଙ୍କର ଅତି ପ୍ରିୟପାତ୍ର ହୋଇଥିଲେ। ପ୍ରଜା ପାଳନ ରାଜାର ଧର୍ମ ଏ କଥା ଶ୍ରୀରାମଚନ୍ଦ୍ରଙ୍କୁ ଭଲ ଭାବେ ଜଣାଥିଲା। ରାଜଦଣ୍ଡ ଧରିବା ପରେ ଶ୍ରୀରାମଚନ୍ଦ୍ର ରାଜନୀତି ଓ ଦର୍ଶନଶାସ୍ତ୍ରକୁ ଭଲକରି ପଢ଼ିବାରେ ଲାଗିଲେ। ନିଜ ରାଜ୍ୟକୁ ଏକ ଆଦର୍ଶ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ ଶାସନ କରୁଥିଲେ। ଏହି ସମୟରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ କାର୍ଯ୍ୟଶୈଳୀ ସମଗ୍ର ରାଜ୍ୟରେ ଗୁଞ୍ଜରିତ ହେଉଥିଲା। ତାଙ୍କ ଗୁଣରେ ମୁଗ୍ଧ ହୋଇ ଶ୍ରୀରାମଚନ୍ଦ୍ର ତାଙ୍କୁ ରାଜ୍ୟ ସରକାରଙ୍କ ଓକିଲ ପଦରେ ନିଯୁକ୍ତି କରିଥିଲେ। ପଣ୍ଡିତ ଗୋପବନ୍ଧୁ ସେତେବେଳେ ସକଳ କାର୍ଯ୍ୟରେ ତାଙ୍କର ପରମ ସଖା ରୂପେ ପରାମର୍ଶଦାତାଥିଲେ। ଶ୍ରୀରାମଚନ୍ଦ୍ର ଓ ଗୋପବନ୍ଧୁ ମଧ୍ୟରେ ଏପରି ଘନିଷ୍ଠ ବନ୍ଧୁତା ଥିଲା ଯେ, କୌଣସି କାର୍ଯ୍ୟ କଲାବେଳେ ଶ୍ରୀରାମଚନ୍ଦ୍ର, ଗୋପବନ୍ଧୁଙ୍କ ପରାମର୍ଶ ନେଉଥିଲେ।

# ରେଷ୍ଟୁରାଣ୍ଟରେ ଦିଆଯାଉଥିଲା କୁକୁର ମାଂସ



ହାଇଦ୍ରାବାଦ ଖାସି ମାଂସ ନାମରେ କୁକୁର ମାଂସ ବିକ୍ରି କରୁଥିବା ଅଭିଯୋଗରେ ଏକ ରେଷ୍ଟୁରାଣ୍ଟ ଉପରେ ନିକଟରେ ଗ୍ରେଟର ହାଇଦ୍ରାବଦ ମୁଣ୍ଟ୍ୟନିସିପାଲ କର୍ପୋରେସନର ଅଧିକାରୀମାନେ ଚଢାଉ କରିଥିଲେ। ଏହି ରେଷ୍ଟୁରାଣ୍ଟର ମାଂସକୁ ଜବତ କରାଯାଇ ପରୀକ୍ଷା ନିମନ୍ତେ ଗବେଷଣାଗାରକୁ ପଠାଇଛନ୍ତି। ପୂର୍ବରୁ ଏଠାରେ କୁକୁର ମାଂସ ବିକ୍ରି ହେଉଥିବା ଅଭିଯୋଗ ଆସିଥିଲା ବେଳେ ସୋସିଆଲ ମିଡିଆରେ ମଧ୍ୟ ଏହି ଫଟୋ ଭାଇରାଲ ହୋଇଛି। ପୂର୍ବରୁ ମ୍ୟୁନିସିପାଲ କର୍ପୋରେସନ ପକ୍ଷରୁ ଏହି ରେଷ୍ଟୁରାଣ୍ଟକୁ ନୋଟିସ ପଠାଯାଇଥିଲା ବେଳେ ଏହାର ମାଲିକ ଇରଫାନ କହିଛନ୍ତି ଯେ ଆମେ କେବେ ବି କୁକୁର ମାଂସ ବିକ୍ରି କରିନାହୁଁ। ଆମ ରେଷ୍ଟୁରାଣ୍ଟର ଭାବମୂର୍ତ୍ତୀକୁ ଖରାପ କରିବା ପାଇଁ କିଛି ବିରୋଧି ଏଭଳି ଚକ୍ରାନ୍ତ କରିଛନ୍ତି।

# ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଞ୍ଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିନ୍ଥେଟିକ ଘାସ। କାର ନିର୍ମାତାମାନେ ସେହି ସିନ୍ଥେଟିକ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚାଲିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍କୁ ପ୍ରଥମେ ଜର୍ମାନଠାରେ ସ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।




# ଜିଆଖତ-ଜୈବିକ କୃଷିର ପ୍ରମୁଖ ଦିଗ

**ସୁବ୍ରତ କୁମାର ମହାନ୍ତି**

ଏକବିଂଶ ଶତାବ୍ଦୀରେ ଏ ଯୁଗ ଉପନୀତ। ଯୁଗ ସହ ଯେମିତି ମଣିଷ ବଦଳୁଛି, ସେମିତି ବଦଳୁଛି ଏ ସମାଜ। ବଦଳି ମଧ୍ୟ ଯାଉଛି ଜୀବନ ଧାରଣର ପ୍ରତ୍ୟେକଟି ଧାରା। ଆଉ ଏଥିରୁ କୃଷି ବା ବାଦ୍ ଯିବ କେମିତି। ପ୍ରଥମେ ଜୈବିକ ପ୍ରଣାଳୀ ଅର୍ଥାତ ଜୈବିକ ସାର, ଜୈବିକ ଉପାୟରେ ରୋଗ ପୋକ ଦମନ ଇତ୍ୟାଦି ବ୍ୟବହାର କରୁଥିବା ମଣିଷ, କ୍ରମବର୍ଦ୍ଧିଷ୍ଣୁ ଜନ ସଂଖ୍ୟାକୁ ଆଖି ଆଗରେ ରଖି ଉତ୍କଟ ରସାୟନର ବ୍ୟବହାର କରେ। ଆଉ ବର୍ତ୍ତମାନ ଉକ୍ତ ଉତ୍କଟ ରସାୟନର କୁପ୍ରଭାବର ଜନସମୁଦାୟକୁ ରକ୍ଷା କରିବା ଲକ୍ଷ୍ୟରେ ପୁନଃ ଜୈବିକ ପଦ୍ଧତି ଆଡ଼କୁ ଅଗ୍ରସର ହୁଏ। ଅତଏବ୍ ଜିଆଖତ ଏକ ପ୍ରମୁଖ ଜୈବିକ ଉପାୟ ଯେଉଁଥିରେ ଜୈବ ଅବଶେଷ ବା ବାୟୋୱେଷ୍ଟର ପୁନଃ ସଦବ୍ୟବହାର ହୋଇପାରେ। ଜଣେ ସାଧାରଣ ଚାଷୀ ପାଇଁ ପରିବେଶ ପ୍ରଦୂଷଣ ତଥା ରସାୟନିକ ସାରର ବର୍ଦ୍ଧିତ ମୂଲ୍ୟ କଥା ବିଚାରକୁ ନେଲେ, ଜିଆଖତ ପ୍ରୟୋଗ ଏକ ଉତ୍ତମ ଜୈବିକ ଉପାୟ ଯାହା ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ କମ୍ ଖର୍ଚ୍ଚ ଜୈବିକ ଅବଶେଷକୁ ପୁନଃ ବ୍ୟବହାର କରିବା ଉପରେ ଗୁରୁତ୍ୱ ଦେଇଥାଏ। ଆମେ ଅନେକ ଯାଗାରେ ପଢ଼ିଛେ କୃଷକର ବନ୍ଧୁ ଜିଆ। ତେଣୁ ଜିଆକୁ ପାଳନ କରି କୃଷିଜାତ ଅବଶେଷକୁ ଖାଇବାକୁ ଦେଇ ଜିଆର ମଳ ବା ପାଚନ ନହୋଇଥିବା ଅବଶିଷ୍ଟାଂଶରୁ ବ୍ୟବହାର କରି ଯେଉଁ ଖତ ପ୍ରସ୍ତୁତ କରାଯାଏ ତାକୁ ଜିଆଖତ ବୋଲି ଆଖ୍ୟା ଦିଆଯାଏ, ଏହି ଜିଆଖତରେ ଆପାତତଃ ଶତକଡ଼ା ୩ ପ୍ରତିଶତ ଯବକ୍ଷାରଯାନ, ୧ ପ୍ରତିଶତ ଫସଫରସ, ୧.୫ ପ୍ରତିଶତ ପଟାସିୟମ ରହିଥାଏ। ତତ୍‌ସହିତ ବିଭିନ୍ନ ଜୀବସାର, ରୋଗପ୍ରତିରୋଧକାରୀ ପଦାର୍ଥ ତଥା ବହୁ ଉପକାରୀ ଜୈବଦ୍ରବକ (ଏନ୍‌ଜାଇମ) ରହିଥାଏ ଯାହା କୃଷକ ଅବଶେଷର ଜୈବବିଘଟନରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଜିଆଖତରେ ପ୍ରୟୋଗ ଫଳରେ ମାଟିର ଉର୍ବରତା ବୃଦ୍ଧିପାଏ ଏବଂ ଯବକ୍ଷାରଜାନ ବିବନ୍ଧନ କରୁଥିବା ବୀଜାଣୁ ଗୁଡ଼ିକ ଉପରେ ଏହା ସୁପ୍ରଭାବ ପକାଇଥାଏ।

**ପ୍ରସ୍ତୁତି ପ୍ରଣାଳୀ :**

ଜିଆଖତ ପ୍ରସ୍ତୁତିରେ କେତେଗୋଟି ଦିଗପ୍ରତି ଧ୍ୟାନ ଦେବାକୁ ପଡ଼େ ପ୍ରଥମେ ଉତ୍ତମମାନର, ଜିଆଚୟନ କରିବା ଜରୁରୀ ପରିବେଶ, ମୃତ୍ତିକାର ପ୍ରକାର, କୃଷିଜ ଅବଶେଷର ପ୍ରକାର ଇତ୍ୟାଦିକୁ ବିଚାରକୁ ନେଇ ଜିଆର



ବିଭିନ୍ନ ପ୍ରଜାତି ଚୟନ କରିବାକୁ ହୁଏ। ସାଧାରଣତଃ ଆମ ଦେଶରେ ଜିଆଖତ ପ୍ରସ୍ତୁତି ପାଇଁ ଦୁଇଟି ଜିଆ ପ୍ରଜାତିକୁ ଚୟନ କରାଯାଉଛି। ସେଗୁଡ଼ିକ ହେଲା ଏଇସିନିଆ ଫୋଏଟିଡ଼ା ଏବଂ ଇଉଡ୍ରିଲସ ଇଉଜେନି, ବଡ଼ କାଠ, ପ୍ଲାଷ୍ଟିକ ବା ସିମେଣ୍ଟ କୁଣ୍ଡ (ସର୍ବାଧିକ ୧ମି ୧ମି ୦.୫ମି) ଯେଉଁଥିରେ ପ୍ରାୟ ୧୫୦୦ ଜିଆର ବ୍ୟବହାର ହୋଇପାରିବ, ତାହାକୁ ନିଆଯାଏ ଏବଂ ଘର ଭିତରେ ଜିଆଖତ ପ୍ରସ୍ତୁତି କରିବା ସବୁବେଳେ ଗ୍ରହଣୀୟ। କୁଣ୍ଡର ତଳସ୍ତରରେ କୃଷିଜାତ ଅବଶିଷ୍ଟାଂଶ (ଜୈବବିଘଟନ ଯୋଗ୍ୟ)ର ,କ ସ୍ତର ଦିଆଯାଏ ଯାହା ୫ ସେ.ମି ଉଚ୍ଚତାର ହୋଇଥାଏ। ତା ଉପରେ ବିଘଟିତ ଗୋବରର ଏକ ୫ ସେମିର ସ୍ତର ଆଚ୍ଛାଦନ କରିବାକୁ ପଡ଼େ। ଏହିପରି ଗୋଟିଏ ପରେ ଗୋଟିଏ ସ୍ତର ଦେଲାପରେ ସର୍ବଉପର ଯଥାଯଥ ଜଳ ସିଞ୍ଚନ କରି ସଂପୂର୍ଣ୍ଣ ଆର୍ଦ୍ରତାକୁ ୩୦ ରୁ ୪୦ ପ୍ରତିଶତ ରଖାଯାଏ। ଏହା ଉପରେ ବିଘଟନକାରୀ ଜିଆକୁ ଛଡ଼ାଯାଏ ଏବଂ ଏହା ଉପରେ କିଛି ମାଟି ଘୋଡ଼ାଇ ସୂର୍ଯ୍ୟାଲୋକ ନ ପଡ଼ିବା ପାଇଁ ଅଖା ଘୋଡ଼ାଇ ଦିଆଯାଏ। ଗାଇଗୋରୁ, ଘୋଡ଼ା, ଘୁଷୁରୀ ଇତ୍ୟାଦି ମାନଙ୍କର ଶୁଖିଲା ମଳ ତଥା ଅବ୍ୟବହୃତ ପନିପରିବା ଅବଶିଷ୍ଟାଂଶ ଜିଆମାନଙ୍କର ଉତ୍ତମ ଖାଦ୍ୟ ରୂପେ କାର୍ଯ୍ୟକାରୀ। ଶୁଖିଲା ଗୋବରକୁ ସେହି ଅବସ୍ଥାରେ ଖାଦ୍ୟ ହିସାବରେ ବ୍ୟବହାର କରାଯାଇପାରେ। କିନ୍ତୁ ଉପରୋକ୍ତ ଅନ୍ୟ ଖାଦ୍ୟ ଗୁଡ଼ିକୁ ଶୁଖିଲା ଗୋବର ସାଙ୍ଗରେ ସମପରିମାଣରେ ମିଶାଇ ଖାଦ୍ୟ ହିସାବରେ ବ୍ୟବହାର କରାଯାଏ। ଯେତେବେଳେ ଖତ ପ୍ରସ୍ତୁତ ହୋଇଥାଏ, ଦୈନିକ ଜଳ ସିଞ୍ଚନ ପ୍ରକ୍ରିୟାକୁ ୨-୩ ଦିନ ପାଇଁ ବନ୍ଦ ରଖାଯାଏ। ତା'ପରେ ଉକ୍ତ ଆର୍ଦ୍ର ଜିଆଖତକୁ ବାହାରେ କିଛି ସମୟ ଗଦା କରି ଶୁଖାଇ ଦିଆଯାଏ। ଖତଗଦାର ଉପରିଭାଗରୁ ଜିଆ ଗୁଡ଼ିକ ତଳକୁ ସ୍ଥାନାନ୍ତରିତ ହୋଇଗଲା ପରେ ଏହା ଉପଯୋଗୀ ହୋଇଥାଏ।

**ପ୍ରସ୍ତୁତ ସମୟର ସତର୍କତା :**

କେବଳ ଉଦ୍ଭିଦଜାତ ଅବଶେଷ ହିଁ ଜିଆଖତର ପ୍ରାଥମିକ ପଦାର୍ଥ ରୂପେ



ବ୍ୟବହାର ଯୋଗ୍ୟ। ପ୍ରାଣୀଜ ଅବଶେଷ ଯଥା ଅଣ୍ଡାଖୋଳପା, ମାଂସ, ହାଡ଼ ଇତ୍ୟାଦି ଜିଆଖତ ପ୍ରସ୍ତୁତି ପାଇଁ ବ୍ୟବହାର୍ଯ୍ୟ ନୁହେଁ। ଠିଆପାଣି ବା ସ୍ୱଳ୍ପ ଆର୍ଦ୍ରତା ଜିଆ ଉପରେ ନକରାତ୍ମକ ପ୍ରଭାବ ପକାଏ। ସେଥିପାଇଁ ଆର୍ଦ୍ରତା ପରିଚାଳନା ସୂଚାରୁ ରୂପେ କରିବା ସଙ୍ଗେ ସଙ୍ଗେ ଜିଆଗୁଡ଼ିକୁ ପକ୍ଷୀ, ପିମ୍ପୁଡ଼ି, ଉଇ ଏବଂ ମୂଷା ଠାରୁ ରକ୍ଷା କରାଯିବା ଉଚିତ୍। ଜିଆଖତକୁ ନିୟମିତ ବ୍ୟବଧାନରେ ବାହାର କରାଯିବା ମଧ୍ୟ ବିଧେୟ।

**ଜିଆଖତର ପ୍ରୟୋଗ :**

କ୍ଷେତ୍ର ଫସଲ ବା ଶସ୍ୟ, ଡାଲି ଏବଂ ଅନ୍ୟାନ୍ୟ ଫସଲରେ ହେକ୍ଟର ପିଛା ୨-୩ ଟନ୍ ଜିଆଖତ ବ୍ୟବହାର କରାଯାଏ। ମି ବୁଣିବା



ସମୟରେ ବା ଚାରା ୧୫ ସେ.ମି. ଉଚ୍ଚତା ହେବା ପରେ ଧାଡ଼ିରେ ଏହାର ପ୍ରୟୋଗ ଲାଭ ଦାୟକ ହୋଇଥାଏ। ଫଳଗଛ ଗୁଡ଼ିକରେ ଗଛର ବୟସକୁ ଦୃଷ୍ଟିରେ ରଖି ୫ଗଚ୍ଛ ପିଛା ୫-୧୦ କି.ଗ୍ରା ଜିଆଖତ ଗଛ ଚାରିପାଖରେ ଏକ ରିଙ୍ଗ ବା ବେସନ୍ କରି ଗୋବରଖତ ସାଙ୍ଗରେ ମିଶାଇ ପ୍ରୟୋଗ ବିଧେୟ। ସେହିପରି ପନିପରିବା ଫସଲର ନର୍ସରୀରେ ହେକ୍ଟର ପିଛା ୧ ଟନ୍ ଜିଆଖତ ଓ ଚାରା ଲଗାଇବାର ୪୫ ଦିନ ପରେ ଜଳସେଚନ ପୂର୍ବରୁ ଗଛ ପିଛା ୫୦୦ ଗ୍ରା. ଜିଆଖତ ପ୍ରୟୋଗ ଅତ୍ୟନ୍ତ ଲାଭପ୍ରଦ ଫୁଲଗଛ ଚାଷ ବେଳେ ହେକ୍ଟର ପିଛା ୭୫୦ କି.ଗ୍ରା ଜିଆଖତ ପ୍ରୟୋଗ କରିବା ଜରୁରୀ।

ତେଣୁ ଚାଷୀଭାଇମାନେ କୃଷି ବିଶେଷଜ୍ଞ ମାନଙ୍କ ପରାମର୍ଶ କ୍ରମେ ଏହାର ପ୍ରୟୋଗ କଲେ ସୁଫଳ ପାଇପାରିବେ।

ସହକାରୀ ପ୍ରାଧ୍ୟାପକ,
ଶ୍ରୀ ଶ୍ରୀ ୟୁନିଭର୍ସିଟି, କଟକ

# କୃଷି ଓ କୃଷକ - ଏକ ମାର୍ମିକ ଉଚ୍ଚାରଣ



**ବିଜ୍ଞାନ ରଂଜନ ସାହୁ**

ଆମ ଓଡ଼ିଶା ଗୋଟିଏ କୃଷି ପ୍ରଧାନ ରାଜ୍ୟ। ଏହାର ଅଧିକାଂଶ କୃଷି ଭୂମି ଗାଁ ଗହଳରେ ଅବସ୍ଥିତ। ଏହାର ଅଧିକାଂଶ କୃଷିଜିବି, ସେମାନେ କୃଷିକାର୍ଯ୍ୟ ଓ ମୂଲମଜୁରୀ ଲାଗି ସେମାନଙ୍କର ପରିବାର ପ୍ରତିପୋଷଣ କରନ୍ତି। ଓଡ଼ିଶାରେ ଅଧିକାଂଶ କୃଷକ ମାନଙ୍କର ନିଜର ଚାଷଜମି ନଥାଏ। ଏଣୁ ସେମାନେ ଭାଗଚାଷ କରନ୍ତି। ସାଧାରଣତଃ ଗାଁକହଳିରେ କୃଷକମାନଙ୍କ ପାଖରେ ଭଲ ଉତ୍ପାଦନ କରିବାର ଜ୍ଞାନ କୌଶଳ ଏବଂ ସୂଚନା ନଥାଏ। ସେମାନେ ପାରମ୍ପାରିକ ଭାବରେ କୃଷିକାର୍ଯ୍ୟ କରିଥାନ୍ତି। ପ୍ରାକୃତିକ ବିପର୍ଯ୍ୟୟ ହେତୁ ବହୁତ ଫସଲ କ୍ଷତି ଏବଂ ବ୍ୟାଘାତ ହୋଇଥାଏ ଓ କମ୍ ଉତ୍ପାଦନ ହୋଇଥାଏ। ଏଥି ଯୋଗୁଁ ସରକାର ମଧ୍ୟ ଆର୍ଥିକ ସହାୟତା ଦେଇଥାନ୍ତି। କିନ୍ତୁ ତାହା ଜମି ମାଲିକ ନିକଟକୁ ଚାଲିଯାଇଥାଏ ଏବଂ କୃଷକ ଏଥିରୁ କିଛି ପାଇ ନଥାଏ। ଏଥିଯୋଗୁଁ କେତେକ କୃଷକ ଭାଗଚାଷ କରିବାକୁ ମନା କରିଥାନ୍ତି। କୃଷିକାର୍ଯ୍ୟ ଛାଡ଼ି ସହରାଭିମୁଖୀ ହୋଇଥାନ୍ତି। ଆଉ ମଧ୍ୟ ଓଡ଼ିଶା ସରକାରଙ୍କ ଦ୍ୱାରା ୧ଟଙ୍କାରେ ୧୦ କେଜି ଚାଉଳ ପ୍ରଦାନ କରାଯାଉ ଥିବାରୁ ଦୈନିକ ଖାଇବା ଚଳିଯାଏ। ତେଣୁ କୃଷକ ମନରେ ଚାଷ କରିବା ପାଇଁ ଆଗ୍ରହ କମିଯାଏ।

ଅନ୍ୟ ପକ୍ଷରେ କୃଷକମାନେ ଚାଷ କାର୍ଯ୍ୟରେ ଜୈବିକ ଖତ, ଜୈବିକ ସାର ଏବଂ ଜୈବିକ କୀଟନାଶକ ପ୍ରୟୋଗ କରନ୍ତି ନାହିଁ। ଅଧିକ ଅମଳ ପାଇଁ ରାସାୟନିକ ସାର ଔଷଧ ପ୍ରୟୋଗ କରିଥାଆନ୍ତି। ଯାହା ଉପରେ ସେମାନଙ୍କର କୌଣସି ଜ୍ଞାନ ନଥାଏ। ଏହାଦ୍ୱାରା ଅଧିକ ଅମଳ ହୋଇଥାଏ। କିନ୍ତୁ ବହୁତ ପରିମାଣରେ ମୃତ୍ତିକା ଏହାର ଉତ୍ପାଦନର କ୍ଷମତା ହରାଇ ଥାଏ ଏବଂ ପରିବେଶ ପ୍ରଦୂଷଣ ହୋଇଥାଏ। ଆଗାମୀ ବର୍ଷ ମାନଙ୍କର ଅମଳର ପରିମାଣ ହ୍ରାସ ପାଇଥାଏ। ଏଥିଯୋଗୁଁ ଭାଗଚାଷିମାନେ ଭାଗଚାଷ ଛାଡ଼ି ଦେଇଥାନ୍ତି। ଏଣୁ ଜମି ମାଲିକକୁ କ୍ଷତି ସହିବାକୁ ପଡ଼େ ଓ ଜମିର ରକ୍ଷଣାବେକ୍ଷଣା ଅଭାବରୁ ଜମି ନଷ୍ଟ ହୋଇଯାଏ।

ଆମେ ଜାଣିଛେ କୃଷକମାନେ ସାଧାରଣତଃ ପରିବେଶ ଉପରେ ନିର୍ଭର କରିଥାନ୍ତି। କିନ୍ତୁ ଏହା ସ୍ଥିର ନୁହେଁ ମାତ୍ର ଦିନକୁ ଦିନ ପରିବର୍ତ୍ତନ ହୋଇଥାଏ। ଏଣୁ ଆମେ ଏହାକୁ ରୋକିପାରିବା ନାହିଁ। ତେଣୁ କେତେକ କୃଷକ ମତରେ କୃଷିକାର୍ଯ୍ୟ ହେଉଛି ଭାଗ୍ୟ ଓ କଠିନ ପରିଶ୍ରମ ଉପରେ ନିର୍ଭରଶୀଳ। ଏଣୁ କୃଷିକାର୍ଯ୍ୟରେ ବାରମ୍ବାର କ୍ଷତି ହେବାରୁ କୃଷକମାନେ ଆତ୍ମହତ୍ୟା କରିଥାନ୍ତି ଏହି ସବୁ ସମସ୍ୟା





ଗୁଡ଼ିକରୁ ଦୂରେଇ ରହିବା ପାଇଁ କୃଷକମାନଙ୍କୁ କୃଷି ବିଜ୍ଞାନର ପ୍ରଶିକ୍ଷଣ କରିବା ନିତ୍ୟାନ୍ତ ଜରୁରୀ। ଯଦି ସେମାନେ ପ୍ରଶିକ୍ଷଣ ନେଇ ଉନ୍ନତ ଜ୍ଞାନ କୌଶଳ ପ୍ରୟୋଗ କରି କୃଷିକାର୍ଯ୍ୟ ସମ୍ପାଦନ କରନ୍ତେ ଉତ୍ପାଦନ ବୃଦ୍ଧି ପାଇବ।

ଆଧୁନିକ ପୃଥିବୀରେ ଗୋଟିଏ ଆଶ୍ଚର୍ଯ୍ୟ କଥା ସମସ୍ତେ ଭଲ ଖାଇବାକୁ ଚାହାନ୍ତି କିନ୍ତୁ ଉତ୍ପାଦନ କରିବାକୁ ନୁହେଁ। ସମସ୍ତେ ଭଲରେ ରହି ଚାକିରି କରିବାକୁ ଚାହାନ୍ତି କିନ୍ତୁ ଜଣେବି କେହି ଭଲ କୃଷକ ହେବାକୁ ଚାହାଁନ୍ତି ନାହିଁ। ଏବେ ପ୍ରଶ୍ନ ଉଠୁଚି- ଉତ୍ପାଦନ କରିବ କିଏ? ଖାଦ୍ୟ ଆସିବ କେଉଁଠାରୁ। ତେଣୁ କୃଷକମାନଙ୍କୁ ଉପଯୁକ୍ତ ତାଲିମ୍ ପ୍ରାପ୍ତ କରାଯିବା ଦରକାର। ଏହାଦ୍ୱାରା କୃଷକମାନଙ୍କ ରୋଜଗାର ଏବଂ ଭବିଷ୍ୟତରେ କୃଷି ଏକ ମୁଖ୍ୟ ବୃତ୍ତି ହୋଇ ପାରିବ।

କୃଷକ ପାଠ୍ୟକ୍ରମ :

୧. ପରିବେଶ ଅନୁଯାୟୀ ଶସ୍ୟ ଚିହ୍ନଟ କରିବା
୨. ନୂତନ ଜ୍ଞାନ କୌଶଳର ପ୍ରୟୋଗ
୩. ମିଶ୍ରିତ କୃଷି
୪. ଅଧିକ ଅମଳ କରିପାରୁଥିବା ବିହନ
୫. ନୂତନ ଯନ୍ତ୍ରପାତିର ପ୍ରୟୋଗ
୬. ବିଭିନ୍ନ ପନିପରିବା ଋତୁ ଅନୁସାରେ ଓ ବଜାର ଚାହିଦାରେ ଚାଷ କରିବା

ଜମିଟି ସାଧାରଣତଃ ହିଡ଼ ଦ୍ୱାରା ଭାଗ ଭାଗ ହୋଇଥାଏ। ତେଣୁ ଅଧିକ ଟଙ୍କା ନିବେଶ ହୋଇଥାଏ। ଯଦି ପାଖାପାଖି ଜମି ଥିବା କୃଷକ ନିଜସ୍ୱ ବୁଝାମଣାରେ ହିଡ଼ ଉଠାଇ ଜମିକୁ ଏକତ୍ର କରି ଚାଷ କରନ୍ତେ ଜଳସେଚନର ସୁବିଧା ସହ ଅମଳ ହୁଅନ୍ତା।

ଯଦି କେତେକ କୃଷକ ଏକାଠି ହୋଇ ଗୋଟେ ଛୋଟ ଫାର୍ମ ଗଠନ କରି ସେମାନଙ୍କର ମିଳିତ ପ୍ରୟାସରେ ସେଠାରେ ଜୈବିକ ସାର, କମ୍ପୋଷ୍ଟ ଏବଂ ଏଫ୍.ୱାଇ.ଏମ୍. ଉତ୍ପାଦନ କରିପାରନ୍ତେ। ଏହା ସେମାନଙ୍କ ପାଇଁ ଅଧିକ ରୋଜଗାର ଦେଇ ପାରିବ। ଏଥିପାଇଁ କୃଷି ବିଜ୍ଞାନ ଶିକ୍ଷା ନିତ୍ୟାନ୍ତ ଆବଶ୍ୟକ।

କୃଷି ସ୍ନାତକୋତ୍ତର , ଓୟୁଏଟି

# ଟିଲାପିଆ - ମାଛ ଚାଷରେ ଏକ ନୂଆ ସମ୍ଭାବନା



**ବିଜ୍ଞାନ ମିହିର ରାଉତ**

ଟିଲାପିଆ ମାଛକୁ କେତେକ ଗରିବଙ୍କ ମାଛ ବୋଲି କହନ୍ତି। ଏହାର ମୂଳ ବାସସ୍ଥାନ ଆଫ୍ରିକା। ଆଫ୍ରିକା ମହାଦେଶ ବାହାରେ ସର୍ବପ୍ରଥମେ ଏହାର ଏକ ପ୍ରଜାତି ମୋଜାମ୍ବିକ ଟିଲାପିଆ ଚାଷ ଆରମ୍ଭ ହୋଇଥିଲା। କିନ୍ତୁଏହା କ୍ଷୁଦ୍ର, କମ୍ ଚାହିଦା ଓ କେତେକ ଅନାଦୃତ କାରଣ ବଶତ ଏହାର ଚାଷ ସଫଳ ହୋଇପାରିନଥିଲା। ପରେ ବିଂଶ ଶତାବ୍ଦୀରେ ଏକ ଉନ୍ନତ ପ୍ରଜାତିର ଟିଲାପିଆକୁ ଚାଷ କରାଯାଇ ଅଭୁତପୂର୍ବ ସଫଳତା ହାସଲ କରାଯାଇଥିଲା।ଏହାକୁ ବିଂଶ ଶତାବ୍ଦୀର ମୁଖ୍ୟ ଜଳଜୀବ ଭାବେ ଗଣା ଯାଉଛି।ଏହି ମାଛ ଅତ୍ୟନ୍ତ ସହନଶୀଳ ଓ ରୋଗପ୍ରତିରୋଧକ୍ଷମ ହୋଇଥାଏ। ଏହାଛଡ଼ା ୪-୬ ମାସ ଭିତରେ ବିକ୍ରିଯୋଗ୍ୟ ହୋଇଥାଏ। ଏହି ମାଛକୁ ବର୍ତ୍ତମାନ ବ୍ୟବସାୟିକ ଉଦ୍ଦେଶ୍ୟରେ ଚାଷ କରାଯାଉଛି।

ଟିଲାପିଆର ପ୍ରାୟ ୨୦ଟିପ୍ରଜାତି ମଧ୍ୟରୁ ଅଧିକାଂଶ ଆଫ୍ରିକା ପଶ୍ଚିମପାର୍ଶ୍ୱରେ ଥିବା ନଦୀମାନଙ୍କରେ ମିଳିଥାଏ। ଏଥିରୁ ମୁଖ୍ୟତ ୯ପ୍ରକାରର ପ୍ରଜାତି ଉପଯୁକ୍ତ ମନେ ହୁଏ। ନୀଳନଦୀ ଟିଲାପିଆ ସାରା ବିଶ୍ୱରେ ମୁଖ୍ୟ ଚାଷ ଉପଯୋଗୀ ଟିଲାପିଆ ଭାବେ ଗଣା ହୋଇଥାଏ। ନୀଳ ଟିଲାପିଆ ଶଙ୍କର ଜାତୀୟ ଟିଲାପିଆ ଉତ୍ପନ୍ନ କରିବାରେ ବ୍ୟବହାର କରାଯାଇଥାଏ। ଏହା ସମୁଦାୟ ବିଶ୍ୱର ଟିଲାପିଆ ଉତ୍ପାଦନର ପ୍ରାୟ ଶତକଡ଼ା ୮୦ଭାଗ ହୋଇଥାଏ। ଏଥିପାଇଁ ସାଧାରଣତଃ ଥଣ୍ଡା ଜଳବାୟୁ ଥିବା ପରିବେଶ ଆବଶ୍ୟକ। ମୋଜାମ୍ବିଆ ଟିଲାପିଆ ନୀଳନଦୀ ଟିଲାପିଆର ପ୍ରଜାତି ଅଟେ। ଲାଲ୍ ଟିଲାପିଆ - ଏହା ପ୍ରଥମେ ତାଇୱାନରେ ଉତ୍ପାଦିତ ହୋଇଥିଲା। ଏହା ବର୍ତ୍ତମାନ ସାରା ବିଶ୍ୱରେ ଆଦୃତ ହୋଇପାରିଛି।

ଉତ୍ପାଦନ- ଟିଲାପିଆ ଉତ୍ପାଦନରେ ମୁଖ୍ୟତ ୧୦ଟି ଦେଶ ଆଗରେ ଅଛନ୍ତି। ତନ୍ମଧ୍ୟରୁ ଏସିଆ ମହାଦେଶରେ ଚୀନ୍ ହେଉଛି ମୁଖ୍ୟ ଟିଲାପିଆ ଉତ୍ପାଦନ କାରୀ ରାଷ୍ଟ୍ର। ବିଶ୍ୱର ଅର୍ଦ୍ଧାଧିକ ଟିଲାପିଆ ଚୀନ୍ ଆସିଥାଏ। ସମୁଦାୟ ଉତ୍ପାଦନର ପ୍ରାୟ ୮୫ ଶତକଡ଼ା ମଧୁର ପାଣିରୁ ଆସିଥାଏ। ଏହାକୁ ଉଭୟ ମଧୁର ଓ କ୍ଷାର ପାଣିରେ ଚାଷ କରାଯାଇପାରେ। ଭେକଟି ମାଛ ଚାଷରେ ଏହାକୁ ମୁଖ୍ୟ ଖାଦ୍ୟଭାବେ ବ୍ୟବହାର କରାଯାଇଥାଏ।ବିଭିନ୍ନ ଚାଷ ପଦ୍ଧତି- ପିରା ଚାଷ- ହ୍ରଦ ଓ ଜଳଭଣ୍ଡାର ମଧ୍ୟରେ ଟିଲାପିଆ



ଚାଷ କରିବାରେ ଫିଲିପାଇନ୍ସ ଅଗ୍ରଣୀ। ପିରା ଚାଷ ମାଧମରେ ୫ ମାସରେ ୧୦୦ ବର୍ଗମିଟରରେ ୧୭୫ ଗ୍ରାମ ହାରାହାରି ଓଜନର ୫୪୦ କିଗ୍ରା ନୀଳନଦୀ ଟିଲାପିଆ ଉତ୍ପାନନ ହୋଇପାରିଥାଏ। ସେହିପରି ଚୀନ୍, ମାଲେସିଆ ଓ ତିଂଗାପୁରରେ ଅଧିକାଂଶ ଚାଷୀ ଲାଲ୍ ଟିଲାପ୍ରିାକୁ କେନାଲ ବନ୍ଧ ଓ ଜଳଭଣ୍ଡାରରେ ପିଞ୍ଜରା ମଧ୍ୟରେ ସଘନ ଓ ଅର୍ଦ୍ଧସଘନ ଚାଷକଲା ବେଳେ ମଧ୍ୟ ବ୍ୟବହୃତ ହୋଇଥାଏ।

ପୋଖରୀ ଚାଷ- ଫିଲିଫାଇନ୍ସରେ ଟିଲାପିଆକୁ ଏକୁଟି ଚାଷ ଏବଂ ବାଂଲାଦେଶ, ଚୀନ ଆଦି ରାଷ୍ଟ୍ରରେ ମଶ୍ରିତ ଚାଷ ଭାବେ ବ୍ୟବହାର କରାଯାଇଥାଏ। ଉତ୍ପାଦନ କ୍ଷେତ୍ରରେ ତାଇୱାନ ହେକ୍ଟର ପିଛା ହାରାହାରି ସର୍ବାଧିକ ୧୫-୨୦ ଟନ୍ ହେଉଥିବା ବେଳେ ଚୀନ୍,ଥାଇଲାଣ୍ଡ ଏହା ପଛକୁ ଅଛନ୍ତି। ଫିଲିପାଇନ୍ସରେ ୩-୪ ମାସ ଭିତରେ ୮୦-୯୦ ଶତକଡ଼ା ୧୫୦-୨୦୦ ଗ୍ରାମ ଓଜନର ୪-୭ ଟନ ଟିଲାପିଆ ଉତ୍ପନ୍ନ ହୋଇପାରିବ।

ସେହିପରି ଦକ୍ଷିଣପୂର୍ବ ଏସିଆରେ ଇଣ୍ଡୋନେସିଆ, ଥାଇଲାଣ୍ଡ, ଭିଏତନାମ ଆଦି ଦେଶରେ ଟିଲାପିଆକୁ ମିଶ୍ରିତ ଚାଷ ଭାବରେ ମଧୁର ପାଣିରେ କୃଷି ଓ ପଶୁପାଳନ ସହ ସମ୍ମୋହିତ ଭାବେ ଚାଷ କରାଯାଇଥାଏ। ନୀଳନଦୀ ଟିଲାପିଆ ଚାଷକୁ ମୁଖ୍ୟତଃ ମଧୁର ପାଣିରେ କରାଯାଇଥାଏ। ଏହାକୁ ତାଇୱାନ, ମାଲେସିଆର କଂକ୍ରିଟ୍ ପୋଖରୀରେ ସଘନ ଚାଷ କରାଯାଇଥାଏ।

ଏକଲିଙ୍ଗି ଚାଷ- ଟିଲାପିଆ ସାଧାରଣତଃ ୪-୬ ମାସ ବୟସ ମଧ୍ୟରେ ଉତ୍ପାଦନ କାରଯାଇଥାଏ। ଯାହା ଫଳରେ ପୋଖରୀରେ ବହୁଳ ପରିମାଣରେ ବାମନ ଆକୃତି ବିଶିଷ୍ଟ ଟିଲାପିଆ ମାଛ ମିଳିଥାଏ। ସୁତରାଂ ଏହାର ପ୍ରଜନନକୁ ନିୟନ୍ତ୍ରଣ କରିବା ଆବଶ୍ୟକ ହୋଇଥାଏ। ଅଧିକାଂଶ ଚାଷୀ ଏକଲିଙ୍ଗି ଚାଷକୁ ଗୁରୁତ୍ୱ ଦେଇଥାନ୍ତି। ସମୁଦାୟ ଚାଷ ଖର୍ଚ୍ଚର ପ୍ରାୟ ୩୪% କେବଳ ଖାଦ୍ୟ ଦ୍ୱାରା ହୋଇଥାଏ। ପିରା ଚାଷରେ ଖାଦ୍ୟର ବହୁଳ ବ୍ୟବହାର ହେତୁ ଏଥିରେ ଖାଦ୍ୟ ଖର୍ଚ୍ଚ ପ୍ରାୟ ୮୫% ହୋଇଥାଏ। କହିବାକୁ ଗଲେ ଟିଲାପିଆ ଚାଷ ଲାଭଦାୟକ ଅଟେ। ଏହି ଦୃଷ୍ଟିରୁ ଏସିଆ ଓ ଆମେରିକାର ବହୁ ରାଷ୍ଟ୍ର ଏବେ ଟିଲାପିଆ ଉତ୍ପାଦନ ଉପରେ ଗୁରୁତ୍ୱ ଦେଉଛନ୍ତି।

ମତ୍ସ୍ୟ ଛାତ୍ର,
ଏମ୍.ଏସ୍ ସ୍ୱାମୀନାଥନ କୃଷି ବିଶ୍ୱବିଦ୍ୟାଳୟ, ପାରଳାଖେମୁଣ୍ଡି
ମୋ- ୭୯୭୮୧୯୬୮୩୪

# ବିଶ୍ୱ ମୃତ୍ତିକା ଦିବସ ଅବସରରେ ପ୍ରବନ୍ଧ ପ୍ରତିଭା ଅନ୍ୱେଷଣ

ଶ୍ୟାମଳ ସୁବର୍ଣ୍ଣ ଓଡ଼ିଶାର ଏକ ଅଗ୍ରଣୀ କୃଷି ଭିତ୍ତିକ ପତ୍ରିକା ଭାବରେ କୃଷି ଓ କୃଷକର ଉନ୍ନତି ପାଇଁ କାର୍ଯ୍ୟରତ। କୃଷିର ବି୍ାଶ, କୃଷକର ବିକାଶକୁ ମୂଳମନ୍ତ୍ର ଭାବେ ବିବେଚନା କରି ବିଗତ ୨୦୧୮ ଏପ୍ରିଲରୁ କୃଷି ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରକାଶିତ ଏହି ପତ୍ରିକା ନିରନ୍ତର ଭାବେ ପ୍ରକାଶ ପାଇ ଚାଷୀକୁଳ ପାଖରେ ବେଶ ସ୍ନେହ , ଶ୍ରଦ୍ଧା ସାଉଁଟିପାରିଛି। ଶ୍ୟାମଳ ସୁବର୍ଣ୍ଣ ସବୁବେଳେ କୃଷିର ବିକାଶ ସହ କୃଷକର ବିକାଶ ଉପରେ ଗୁରୁତ୍ୱ ଦେଇଥାଏ। ତେବେ ଆଗାମୀ ଡ଼ିସେମ୍ବର ୫ ତାରିଖ ବିଶ୍ୱ ମୃତ୍ତିକା ଦିବସ ଅବସରରେ ଶ୍ୟାମଳ ସୁବର୍ଣ୍ଣ ତରଫରୁ ପ୍ରବନ୍ଧ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ କରାଯାଉଛି। ଛାତ୍ରଛାତ୍ରୀଙ୍କ ମଧ୍ୟରେ ମାଟି ଓ ଏହାର ଉପାଦେୟତା ବିଷୟରେ ସଚେତନତା ସୃଷ୍ଟି କରାଯିବା ହିଁ ଏହାର ମୂଳ ଲକ୍ଷ୍ୟ। କୃଷି ବିଜ୍ଞାନୀ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ମାଟି ସହ ଜନଜୀବନର ବିଶେଷତା ଉପରେ ସଚେତନତା କରାଇବା ଲକ୍ଷ୍ୟରେ ଆରମ୍ଭ ହୋଇଛି ଏହି କାର୍ଯ୍ୟକ୍ରମ ବୋଲି ପତ୍ରିକାର ସମ୍ପାଦକ ଡ଼ି ଶୁଭମ୍ କହିଛନ୍ତି। ଏହି ପ୍ରବନ୍ଧର ବିଷୟ ବସ୍ତୁ ରହିଛି : ମାଟି -ଚାଷର ଏନ୍ତୁଡ଼ିଶାଳ ଓ ଇଂରାଜୀ ବିଭାଗ ପାଇଁ ବିଷୟ- soil-the life giver of all existence। ଛାତ୍ରଛାତ୍ରୀ ମାନେ ଉଭୟ ଓଡ଼ିଆ ଓ ଇଂରାଜୀରେ ପ୍ରବନ୍ଧ ଲେଖି ୬୦୦-୭୦୦ ଶବ୍ଦ ମଧ୍ୟରେ ୩୦.୧୧.୨୦୨୧ ମଧ୍ୟରେ ପଠାଇବାକୁ ନିବେଦନ କରାଯାଇଛି। ପଠାଇବାର ଠିକଣା - ଇମେଲ- dshuvam97@gmail.com ଓ ଡ଼ାକ ମାଧ୍ୟମରେ - ମାର୍ଫତ- ସମ୍ପାଦକ,ଶ୍ୟାମଳ ସୁବର୍ଣ୍ଣ , ଷ୍ଟେଟ୍ ବ୍ୟାଙ୍କ ପାଖ , ବାସୁଦେବପୁର , ଭଦ୍ରକ ଠିକଣାରେ ପଠାଇପାରିବେ। ପ୍ରତିଯୋଗିତାର ଫଳାଫଳ ଆସନ୍ତା ଡ଼ିସେମ୍ବର ୫ ବିଶ୍ୱ ମୃତ୍ତିକା ଦିବସ ଅବସରରେ ଘୋଷଣା କରାଯିବା ସହ ଶ୍ରେଷ୍ଠ ତିନିଜଣଙ୍କୁ ମାନପତ୍ର ଦିଆଯିବ ବୋଲି ସମ୍ପାଦକ କହିଛନ୍ତି।




# ଉନ୍ନତ ଶିକ୍ଷାଦାନ ପାଇଁ ତାଲିମପ୍ରାପ୍ତ ଶିକ୍ଷକ ନିଯୁକ୍ତି ଜରୁରୀ

ଭୁବନେଶ୍ୱର,(ପି.ଏନ): ପ୍ରାଥମିକ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ପାଠ ପଢାଇବା ନିମନ୍ତେ ଦକ୍ଷ ଓ ତାଲିମପ୍ରାପ୍ତ ଶିକ୍ଷକଙ୍କ ଆବଶ୍ୟକତା ଜରୁରୀ। ଶିକ୍ଷକ ନୂଆ ଜ୍ଞାନକୌଶଳ ବିଷୟରେ ଅବଗତ ହେବା ସହିତ ଉନ୍ନତ ମାନର ତାଲିମ ନନେଲେ ପିଲାଙ୍କୁ ସୃଜନଶୀଳ ଶିକ୍ଷାପ୍ରଦାନ ସମ୍ଭବ ନୁହେଁ। ତେବେ ପ୍ରାଥମିକ ସ୍ତରରେ ଶିକ୍ଷାଦାନ ବ୍ୟବସ୍ଥା ମଜଭୁତ କରିବାକୁ ହେଲେ ଶିକ୍ଷକ ତାଲିମ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବାକୁ ହେବବୋଲି ପ୍ରାଥମିକ ଶିକ୍ଷାର ବିକାଶ: ନବସୃଜନ ଓ ସୁଯୋଗ ଶୀର୍ଷକ ରାଜ୍ୟସ୍ତରୀୟ ଆଲୋଚନାଚକ୍ରରେ ବହୁ ବିଶିଷ୍ଟ ବକ୍ତା ମତପୋଷଣ କରିଛନ୍ତି।ପିପୁଲସ କଲଚରାଲ ସେଣ୍ଟର(ପିକକ) ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏସସିଇଆରଟିର ନିର୍ଦ୍ଦେଶକ ମନୋଜକୁମାର ପାଢ଼ୀ କହିଥିଲେ ଯେ ରାଜ୍ୟରେ ଏବେ ଜାତୀୟ ଶିକ୍ଷା ନୀତି ଡାଞ୍ଚାର ନୂଆ ଶିକ୍ଷାନୀତିର ପ୍ରସ୍ତୁତି ଚାଲିଛି। ସବୁ ପିଲାଙ୍କୁ ବିଦ୍ୟାଳୟକୁ ଆଣିବା, ଅଧାରୁ ପାଠ ଛାଡୁଥିବା(ଡ୍ରପ ଆଉଟ) ହାର ରୋକିବା ଦିଗରେ କାର୍ଯ୍ୟ ଚାଲିଛି। ପାଠ ପ୍ରତି ପିଲାଙ୍କ ମନରେ ଆଗ୍ରହ ସୃଷ୍ଟି ନିମନ୍ତେ ୩୧୪ ବ୍ଲକରେ ଗୋଟିଏ ଲେଖାଏଁ ସ୍ୱତନ୍ତ୍ର ଭାବେ ମୂଳ ସାକ୍ଷରତା କେନ୍ଦ୍ର ଖୋଲାଯାଇଛି। ରାଜ୍ୟ ସରକାର ଏବେ ଶିକ୍ଷକ ତାଲିମକୁ ଅଗ୍ରାଧିକାର ଦେଉଛନ୍ତି। ବିଶେଷ କରି ପ୍ରାଥମିକ ସ୍ତରରୁ ପିଲାଙ୍କ ଶିକ୍ଷାର ମୂଳଦୂଆ ସୁଦୃଢ଼ କରିବାକୁ ବିଭାଗ ସହିତ ସମାଜର ସବୁ ସ୍ତରରେ ମିଳିତ ଉଦ୍ୟମର ଆବଶ୍ୟକତା ରହିଛି।କାର୍ଯ୍ୟକ୍ରମରେ ଯୋଗଦେଇ ପୂର୍ବତନ ସୂଚନା ଆୟୁକ୍ତ ତଥା ସିଓ୍ୱାଇଏସଡିର ସହ ପ୍ରତିଷ୍ଠାତା ଜଗଦାନନ୍ଦ କହିଥିଲେ ଯେ ପିଲାଙ୍କୁ ଉନ୍ନତ ପ୍ରକାର ଶିକ୍ଷାଦାନ ପାଇଁ ଶିକ୍ଷକମାନଙ୍କ ଶିକ୍ଷାଦାନ ବ୍ୟବସ୍ଥାକୁ ମଜଭୁତ କରିବାକୁ ପଡିବ। ବିଦ୍ୟାଳୟ ପାଠ୍ୟକ୍ରମରେ ଅଭିନବ ଶୈଳୀରେ ବୈଷୟିକ ଓ ମୌଳିକ ଶିକ୍ଷାର ଆବଶ୍ୟକତା ରହିଛି ଏବଂ ସରକାରଙ୍କ ସହିତ ନାଗରିକ ସଙ୍ଗଠନଗୁଡିକ ଏ କ୍ଷେତ୍ରରେ ବଡ ଭାଗିଦାରିତାରେ କାର୍ଯ୍ୟ କରିବା ଉପରେ ସେ ମତ ରଖିଥିଲେ। ରାଜ୍ୟ ଶିଶୁ ସୁରକ୍ଷା ଆୟୋଗର ସଦସ୍ୟା ସସ୍ମିତା ନନ୍ଦ ପିଲାମାନଙ୍କୁ ଦଣ୍ଡମୁକ୍ତ ପରିବେଶରେ ଶିକ୍ଷା ପ୍ରଦାନ ସହ ସେମାନଙ୍କ ମାନସିକ ବିକାଶ ଦିଗର ଧ୍ୟାନ ଦିଆଯିବା ଆବଶ୍ୟକ ବୋଲି କହିଥିଲେ।ପିକକର ସମ୍ପାଦକ ରଞ୍ଜନ କୁମାର ମହାନ୍ତି କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେବା ସହିତ ବୈଷୟିକ ବିଦ୍ୟା ପ୍ରୟୋଗ ମାଧ୍ୟମରେ ପ୍ରାଥମିକ ଶିକ୍ଷାକୁ କିପରି ଆହୁରି ବିକଶିତ କରାଯାଇପାରିବ ସେ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଭଦ୍ରକ ଡିଆଇଟିର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ.ଦୁର୍ଯ୍ୟୋଧନ ଦାସ କହିଥିଲେ ଯେ ଶୈକ୍ଷିକ ଫଳାଫଳରୁ ପିଲାଙ୍କ ପାଠପଢ଼ାର ଦକ୍ଷତା ମପାଯାଇପାରିବ। ଶୈକ୍ଷିକ ପାରଦର୍ଶିତା ଉପରେ ଆମେ ଗୁରୁତ୍ୱ ଦେବା ଆବଶ୍ୟକ। ଶିକ୍ଷା ସନ୍ଧାନର ସମ୍ପାଦକ ତଥା ଆରଟିଇ ଫୋରମର ଆବାହକ ଅନିଲ ପ୍ରଧାନ ଶିକ୍ଷା ପ୍ରଦାନ ବ୍ୟବସ୍ଥା ବାସ୍ତବବାଦୀ ତଥା ମୌଳିକ ଦୃଷ୍ଟିଭଙ୍ଗୀ ଉପରେ ପର୍ଯ୍ୟବସିତ ହେବା ଦରକାର ବୋଲି କହିଥିଲେ। ଏନଆଇଏସର ପୂର୍ବତନ ନିର୍ଦ୍ଦେଶକ ରବିନାରାୟଣ ବେହେରା ନବସୃଜନ ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତିତ ନୂଆ ଜ୍ଞାନକୌଶଳ ପ୍ରୟୋଗର ଆବଶ୍ୟକତା ବିଷୟରେ ଅବତାରଣା କରିଥିଲେ। ପୋଖରୀପୁଟ ଡିଏଭିର ଶିକ୍ଷୟିତ୍ରୀ ସ୍ମରଣିକା ପଟ୍ଟନାୟକ ଶିକ୍ଷକ ଶିକ୍ଷାଦାନ ସମୟରେ ବିଦ୍ୟାର୍ଥୀର ମାନସିକ ଅବସ୍ଥା, ଆଗ୍ରହ ବିଷୟରେ ଅବଗତ ହେବା ସହିତ ଶିକ୍ଷାଦାନ ପୂର୍ବରୁ ନିଜେ ମଧ୍ୟ ନୂଆ ବିଷୟ ଶିକ୍ଷା କରିବା ଦରକାର ବୋଲି କହିଥିଲେ। ମୋ ସ୍କୁଲ ଅଭିଯାନର ଉପନିର୍ଦ୍ଦେଶିକା ସସ୍ମିତା ମାଳି ସମସ୍ତଙ୍କ ସହଭାଗିତାରେ ବିଦ୍ୟାଳୟର ଭିତ୍ତିଭୂମି ସହିତ ଶୈକ୍ଷିକ ବିକାଶ ନିମନ୍ତେ ପଦକ୍ଷେପ ନିଆଯାଉଛି। ଡ.ମିନାକ୍ଷୀ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପିକକର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଅନୁରାଧା ମହାନ୍ତି ପ୍ରାଥମିକ ଶିକ୍ଷା କ୍ଷେତ୍ରରେ ଦେଖାଯାଉଥିବା ସମସ୍ୟା ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ। ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ, ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନେଇ ଆୟୋଜିତ କାର୍ଯ୍ୟକ୍ରମରେ ଶିକ୍ଷାବିତ ଡ.ସନ୍ତୋଷ କୁମାର ପରିଡା, ବିଜିଭିଏସର ଉଷାରାଣୀ ବେହେରା, ଓଭାର କ୍ଷମାକର ସ୍ୱାଇଁ, ପିକକର ଅଞ୍ଜନା ଦାସ ପ୍ରମୁଖ ବକ୍ତବ୍ୟ ରଖିଥିଲେ।

### ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର କନ୍ଧପାଲିକୁ ରାଜ୍ୟ ସ୍ତରୀୟ କାୟାକଳ୍ପ କମେଣ୍ଡେବଲ୍ ପୁରସ୍କାର

ବଲାଙ୍ଗିର, (ପି.ଏନ): ବଲାଙ୍ଗିର ଜିଲ୍ଲା ରାଜେନ୍ଦ୍ର ଯୁବକ ସଂଘ ଦ୍ୱାରା ପରିଚାଳିତ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର କନ୍ଧପାଲିକୁ ରାଜ୍ୟ ସ୍ତରୀୟ କାୟାକଳ୍ପ କମେଣ୍ଡେବଲ୍ ପୁରସ୍କାର ମିଳିଛି। ବଲାଙ୍ଗିର ଜିଲ୍ଲାପାଳ ଚଂଚଳ ରାଣାଙ୍କ ଦ୍ୱାରା ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସଭାଗୃହରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ପୁରସ୍କାର ଟ୍ରଫି ଓ ପୁରସ୍କାର ରାଶିଟି ରାଜେନ୍ଦ୍ର ଯୁବକ ସଂଘର ପ୍ରୋଗ୍ରାମ କୋ ଅର୍ଡିନେଟର ଜାଗ୍ରତ ପାଣଗ୍ରାହୀଙ୍କ ସମେତ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ରାମାନୁଜ ପଣ୍ଡା ଗ୍ରହଣ କରିଥିଲେ। ରାଜେନ୍ଦ୍ର ଯୁବକ ସଂଘ ର ପରିଚାଳକ ରାଜେନ୍ଦ୍ର ପାଣଗ୍ରାହୀ ଏହି ଅବସର ରେ ସ୍ୱାସ୍ଥ୍ୟ କେନ୍ଦ୍ର ର ସମସ୍ତ ଷ୍ଟାଫ୍, ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଇତ୍ୟାଦି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଆଇସିଆଇସିଆଇ ପ୍ରୁଡେନ୍ସିଆଲ୍ ଲାଇଫ୍ ଇନ୍ସ୍ୟୁରାନ୍ସ ପକ୍ଷରୁ ଓଡ଼ିଶା ଟ୍ରେନ୍ ଦୁର୍ଘଟଣା ପୀଡ଼ିତଙ୍କ ପାଇଁ ଦାବି ଫଇସଲା ପ୍ରକ୍ରିୟା କୋହଳ

ପୁରୀ,(ପି.ଏନ): ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ୍ ଇନ୍ସ୍ୟୁରାନ୍ସ ପକ୍ଷରୁ ଓଡ଼ିଶା ଟ୍ରେନ୍ ଦୁର୍ଘଟଣାରେ ପ୍ରଭାବିତ ପରିବାର ପାଇଁ ଦାବି ଫଇସଲା ପ୍ରକ୍ରିୟାକୁ କୋହଳ କରାଯିବା ସହ ସେମାନଙ୍କ ସହିତ ଏକଜୁଟ ହୋଇ ଠିଆ ହୋଇଛି। ଏହି ଦୁଃଖଦ ଘଟଣାରେ ପ୍ରଭାବିତ ଲୋକଙ୍କୁ ଆର୍ଥିକ ରିଲିଫ୍ ପ୍ରଦାନ କରାଯିବା ଲାଗି କଂପାନି ପକ୍ଷରୁ ଦାବି ଫଇସଲାକୁ ତ୍ୱରାନ୍ୱିତ କରାଯିବ। ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା (ପିଏମ୍‌ଜେଜେବିଓ୍ୱାଇ) ଅଧୀନରେ ସାମିଲ ଥିବା ଲୋକଙ୍କ ସମେତ ମୃତ୍ୟୁ ଓ ସ୍ୱାସ୍ଥ୍ୟ ବୀମା ଦାବିର ପ୍ରକ୍ରିୟାକରଣକୁ ମାତ୍ର ତିନିଟି ମୌଳିକ କାଗଜପତ୍ର ଆଧାରରେ କରାଯିବ। ଦାବି ସମ୍ପର୍କିତ ଅନୁସନ୍ଧାନରେ ସହାୟତା ପାଇଁ କଂପାନି ପକ୍ଷରୁ ଏକ ଉତ୍ସର୍ଗୀକୃତ ୨୪ ଘଂଟିଆ ହେଲ୍‌ପଲାଇନ୍ ନମ୍ବର (୧-୮୬୦-୨୬୬-୭୭୬୬) ସ୍ଥାପନ କରାଯାଇଛି।ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ୍ ଇନ୍ସ୍ୟୁରାନ୍ସର ବରିଷ୍ଠ କାର୍ଯ୍ୟନିର୍ବାହୀ ଉପସଭାପତି-ଗ୍ରାହକ ସେବା ଓ ପରିଚାଳନା ଶ୍ରୀ ଅମିଶ ବାଙ୍କର କହିଛନ୍ତି ଯେ, "ଓଡ଼ିଶାରେ ଘଟିଥିବା ଏହି ଭୟଙ୍କର ଟ୍ରେନ୍ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଜୀବନ ପ୍ରତି ଆମେ ଗଭୀର ସମବେଦନା ଜ୍ଞାପନ କରୁଛୁ। ଶୋକର ଏହି ସମୟରେ ଆମ ଗ୍ରାହକଙ୍କ ପ୍ରତି ସହାୟକ ହେବା ଏବଂ ସେମାନଙ୍କ ଆବଶ୍ୟକତା ପ୍ରତି ସମ୍ବେଦନଶୀଳ ହେବା ଲାଗି ଗ୍ରାହକମାନେ ଆମଠାରୁ ଆଶା କରିପାରିବେ। ତେଣୁ ସେଥିପାଇଁ ଆମେ ଦାବି ଫଇସା ପ୍ରକ୍ରିୟାର ସରଳୀକରଣ କରିଛୁ ଯେଉଁଥିରେ ନୋମିନିଙ୍କୁ କେବଳ ତିନିଟି ମୌଳିକ କାଗଜପତ୍ର ଦାଖଲ କରିବାକୁ ପଡ଼ିବ। ଆମର ଉତ୍ସର୍ଗୀକୃତ ୨୪ ଘଂଟିଆ ହେଲ୍‌ପଲାଇନ୍ ଦାବି ସମ୍ପର୍କିତ ସବୁ ପ୍ରକାର ପ୍ରଶ୍ନର ପରିଚାଳନା କରିବାକୁ ସକ୍ଷମ। ନିଜର ପ୍ରଶ୍ନର ସ୍ପଷ୍ଟୀକରଣ ପାଇଁ ନୋମିନିମାନେ ଆମ ହେଲ୍‌ପଲାଇନ୍‌ରେ କଲ୍ କରିପାରିବେ।''

# ବିଜେପି ସାଂସଦ ବ୍ରିଜ ଭୂଷଣ ସିଂଙ୍କୁ ଗିରଫ ଦାବି, ସିପିଆଇର ବିଶାଳ ଶୋଭାଯାତ୍ରା

ଜୟପୁର,(ପି.ଏନ): ବିଜେପି ଏମପି ବ୍ରିଜ ଭୂଷଣ ସିଂଙ୍କୁ ଗିରଫ ଦାବି କରି କୋରାପୁଟ ଜିଲା ସିପିଆଇ ତରଫରୁ ଏକ ବିଶାଳ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏକ ମାସରୁ ଉର୍ଦ୍ଧ୍ୱ ହେବ ଦିଲ୍ଲୀର ଯନ୍ତର ମନ୍ତର ଠାରେ କୁସ୍ତି ପହଲବାନ ମାନେ ଧାରଣାରେ ବସିଛନ୍ତି। କିନ୍ତୁ, ବିଜେପି ସାଂସଦ ସିଂଙ୍କ ବିରୋଧରେ କୌଣସି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ଏହାର ପ୍ରତିବାଦ କରି ଆଜି ସିପିଆଇ ଜିଲା ସମ୍ପାଦକ ଯୁଧିଷ୍ଠିର ରାଉଳଙ୍କ ନେତୃତ୍ୱରେ ଜୟପୁର ଶ୍ରମିକ କର୍ମଚାରି ଭବନ ଠାରୁ ଏକ ବିଶାଳ ଶୋଭାଯାତ୍ରା ବାହାର କରି ସହର ପରିକ୍ରମା କରି ରାଷ୍ଟ୍ରପତିଙ୍କୁ ଡାକ ଯୋଗେ ୭ ଦଫା ସମ୍ବଳିତ ଦାବି ପତ୍ର ପ୍ରଦାନ କରାଯାଇଛି। ଉକ୍ତ ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, କେନ୍ଦ୍ରରେ ଚାଲିଥିବା ସରକାରଙ୍କୁ ହଟାଅ, ଦେଶ ବଂଚାଅ ଓ ସମ୍ବିଧାନ ବଂଚାଅ, ବେଟି ବଢାଓ, ବେଟି ପଢାଓ ନାରା କୁଆଡେ ଗଲା, କେନ୍ଦ୍ର ସରକାର ଜବାବ ଦିଅ, ମହିଳା କୁସ୍ତି ପହିଲବାନ ମାନଙ୍କୁ ତୁରନ୍ତ ନ୍ୟାୟ ପ୍ରଦାନ କରାଯାଉ, ବିଜେପି ସାଂସଦ ବ୍ରିଜ ଭୂଷଣ ସିଂଙ୍କୁ ତୁରନ୍ତ ଗିରଫ କରାଯାଉ, ମହିଳା କୁସ୍ତି ପହିଲବାନଙ୍କ ଉପରେ ପୋଲିସର ଆକ୍ରମଣ ବନ୍ଦ କରାଯାଉ, କେନ୍ଦ୍ର ସରକାରଙ୍କ ଅମଳରେ ନାରୀ ନିର୍ଯ୍ୟାତନା, ଗଣ ଧର୍ଷଣ ଓ ହତ୍ୟାକାଣ୍ଡ ଭଳି ଘଟଣା ଘଟି ଚାଲିଥିବାରୁ କୋରାପୁଟ ଜିଲା ସିପିଆଇ ଏହାର ଘୋର ନିନ୍ଦା କରିଛି।ଏହି ଶୋଭାଯାତ୍ରାରେ ରାମକୃଷ୍ଣ ଦାସ, ସତ୍ୟବ୍ରତ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

# ଜୀବନ କୌଶଳ ଶିକ୍ଷା ମାଧ୍ୟମରେ ରକ୍ତହୀନତା ଦୂର ନିମନ୍ତେ ପ୍ରୟାସ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲାର ଅପହଂଚ ଇଲାକା ବାଲନ୍ଦାପଡା, ଲୁଇସିଙ୍ଗି, କୁଏରମାଣ୍ଡ ଓ ପାହିରାଜୁ ଅଂଚଳର ୪୦ ଜଣ କିଶୋରୀ ବାଳିକାଙ୍କୁ ନେଇ ୨ ଦିନିଆ ଜୀବନ କୌଶଳ ଶିକ୍ଷା ସମ୍ବନ୍ଧୀୟ ତାଲିମ୍ ଆୟୋଜିତ ହୋଇଯାଇଅଛି। ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଓ କ୍ରାଏ, କୋଲକାତାଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିଶୁ ମାନଙ୍କର ଅଧିକାର, ଯୌନ ପ୍ରଜନନ ସ୍ୱାସ୍ଥ୍ୟ, ସ୍ୱାସ୍ଥ୍ୟ ଓ ପୁଷ୍ଟି ଶିକ୍ଷା, ଫଳପ୍ରଦ ଯୋଗାଯୋଗ, ଆବେଗ ଜନିତ ଶିକ୍ଷା, ହିଂସା ଓ ଏହାର ପ୍ରକାର ଭେଦ ଇତ୍ୟାଦି ବିଷୟକୁ ଗୁରୁତ୍ୱ ଦେଇ କିଶୋରୀ ମାନେ ଆଗାମୀ ଦିନରେ କିପରି ସୁସଂଗଠିତ ହୋଇ ବାଲ୍ୟ ବିବାହ ଓ ମହିଳା ମାନଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ରୋକି ପାରିବେ ତାହା ପ୍ରୟାସ କରାଯାଇଥିଲା। ତାଲିମର ଉଦ୍‌ଯାପନି ଦିବସରେ ଫିରିଙ୍ଗିଆ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଶ୍ରୀମତୀ ମଞ୍ଜୁଳା ପ୍ରଧାନ ଯୋଗଦେଇ ଜୀବନ କୌଶଳ ଶିକ୍ଷା ମାଧ୍ୟମରେ କିଶୋରୀମାନେ ସଚେତନ ହୋଇ ଅଙ୍ଗନୱାଡି କେନ୍ଦ୍ରକୁ ଆସୁଥିବା ବିଭିନ୍ନ ସୁବିଧା ସୁଯୋଗକୁ ହାତେଇ ପାରିବେ ତା ଉପରେ ଗୁରୁତ୍ୱ ଦେଇଥିଲେ। ତତ୍ ସହିତ ପ୍ରତି ସପ୍ତାହର ଶନିବାର ଅଙ୍ଗନୱାଡି କେନ୍ଦ୍ରରେ ଆୟୋଜିତ ହେଉଥିବା କିଶୋରୀ ସ୍ୱାସ୍ଥ୍ୟ ଦିବସରେ ଅଧିକରୁ ଅଧିକ ଯୋଗଦାନ କରି ସ୍ୱାସ୍ଥ୍ୟ ସମ୍ପର୍କୀତ ଶିକ୍ଷା ଗ୍ରହଣ କରିବା ସହିତ ରକ୍ତହୀନତା ଦୂର କରିବା ପାଇଁ ଲୌହ ବଟିକା ନିୟମିତ ସେବନ ନିମନ୍ତେ ଆହ୍ୱାନ ଦେଇଥିଲେ। ଏଥି ସହିତ ବନ୍ଧଗଡ ସେକ୍ଟରର ସୁପରଭାଇଜର ଶ୍ରୀମତି ସଜିତା ସାହୁ ଯୋଗଦେଇ କୋରୋନା ସମୟରେ ସରକାରଙ୍କର ନିୟମକୁ ମାନି ସାମାଜିକ ଦୂରତା, ମାସ୍କର ନିଶ୍ଚିତ ବ୍ୟବହାର ଓ ବାରମ୍ବାର ହାତ ଧୋଇବା ସହିତ ସମସ୍ତ ପ୍ରକାରର ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବା ନିମନ୍ତେ ପରାମର୍ଶ ଦେଇଥିଲେ। ସ୍ୱାତୀର ସମ୍ପାଦକ ଇଂ ହରିଶଙ୍କର ରାଉତ ଉପସ୍ଥିତ ରହି ତାଲିମାର୍ଥୀ ମାନଙ୍କୁ ଜୀବନରେ ବିଭିନ୍ନ ସମୟରେ ଆସୁଥିବା ସଙ୍କଟ ଓ ମହିଳା ମାନଙ୍କ ଉପରେ ଲଦିଦିଆଯାଉଥିବା ଅଧିକ ଦାୟିତ୍ୱକୁ କିଭଳି ତୁଲାଇବାକୁ ହୁଏ ତାହା ଆଶା କର୍ମୀ ଓ ଅଙ୍ଗନୱାଡି କର୍ମୀଙ୍କ ନିକଟରୁ ଶିଖିବା ନିମନ୍ତେ ଉପଦେଶ ଦେଇଥିଲେ। ତାଲିମ୍ କାର୍ଯ୍ୟକ୍ରମରେ ତାଲିମ୍ ଦାତା ଭାବରେ ଶସ୍ମିତା ବେହେରା, ସରସ୍ୱତୀ ବିନ୍ଧାଣୀ, ପ୍ରଦୀପ କୁମାର ସ୍ୱାଇଁ ଓ ବିଶ୍ୱରଞ୍ଜନ କର ତାଲିମ୍ ପ୍ରଦା କରିଥିବା ବେଳେ ନିହାରିକା ବେହେରା ତାଲିମ୍ ପରିଚାଳନା କରିଥିଲେ।

# ମୋ ଘର ଯୋଜନା ସଫଳ ରୂପାୟନ ଉପରେ ବୈଠକ

ଜୟପୁର,(ପି.ଏନ): ଓଡିଶା ସରକାରଙ୍କ ତରଫରୁ ଗ୍ରାମାଚଂଳରେ ଗୃହ ସହାୟତା ନିମନ୍ତେ ମୋ ଘର ଯୋଜନାର ସଫଳ ରୂପାୟନ ନିମନ୍ତେ ଏକ ବ୍ଲକ ସ୍ତରିୟ ବୈଠକ ଅନୁଷ୍ଠିତ ହୋଇଛି। ଜୟପୁର ବ୍ଲକ ପରିସରରେ ଆୟୋଜିତ ଏହି ବୈଠକରେ ଉପ ଜିଲାପାଳ ବେଦବର ପ୍ରଧାନ, ବିଡିଓ ରାଜୀବ ଦାସ, ତହସିଲଦାର ସାଗରିକା ଷଡଙ୍ଗି, ଡିଏସଆର ନିଳାମ୍ବର ପୁଜାରୀ, ଜିପିଓ ପ୍ରଶାନ୍ତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକର ଗରିବ ଓ ନିମ୍ନ ମଧ୍ୟବିତ ପରିବାର ମୋ ଘର ଯୋଜନାରେ ନୂତନ ଗୃହର ନିର୍ମାଣ, ସମ୍ପ୍ରସାରଣ, ସମ୍ପୃକ୍ତିକରଣ ତଥା ଉନ୍ନତିକରଣ ନିମନ୍ତେ ଯେପରି ଅଧିକରୁ ଅଧିକ ଆବେଦନ କରି ଯୋଜନାର ଲାଭ ନେଇପାରିବେ ସେଥିପାଇଁ ବିଶେଷ ଯତ୍ନବାନ ହେବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରିମାନଙ୍କୁ ପରାମର୍ଶ ଦେଇଛନ୍ତି।

# ନୂଆକୋର୍ଟ ବିଲଡିଂ ନିର୍ମାଣ ପ୍ରସଙ୍ଗ : ଇନ୍ଦିରାନଗର ପରେ ପୃଥ୍ୱୀରାଜ ଗୋଶାଳା ଉପରେ ପ୍ରଶାସନର ନଜର, ହାଇକୋର୍ଟରେ ମାମଲା

ବଲାଙ୍ଗିର,(ପି.ଏନ): ବଲାଙ୍ଗିର ସିଭିଲକୋର୍ଟରେ ସ୍ଥାନାଭାବ। ନୂଆ ନୂଆ କୋର୍ଟ ଖୋଲୁଛି ତେଣୁ ଏଥିପାଇଁ ନୂଆ ନୂଆ କୋର୍ଟବିଲଡିଂର ଆବଶ୍ୟକତା ରହିଛି। ହେଲେ ଦୀର୍ଘ ଏକବର୍ଷ ହେଲା ନୂତନ କୋର୍ଟ ବିଲ୍ଡିଂ ନିର୍ମାଣ ପାଇଁ ପ୍ରଶାସନ ଜବରଦଖଲମୁକ୍ତ ସରକାରୀ ଜମି ଯୋଗାଇଦେଇପାରୁନି। ଯେଉଁ ଜମି ଚିହ୍ନଟ କରି ପ୍ରଶାସନ କୋର୍ଟକୁ ରିପୋର୍ଟ ଦେଉଛି ସେହିସବୁ ଜମି ଜବରଦଖଲରେ ରହିଛି। ପୂର୍ବରୁ ଜିଲ୍ଲାପାଳ ଇନ୍ଦିରା ନଗରରେ ଜବରଦଖଲମୁକ୍ତ ଜମିଥିବା ଦର୍ଶାଇ ୫ଏକର ଜମି କୋର୍ଟ ବିଲ୍ଡିଂ ପାଇଁ ଦିଆଯିବାକୁ ଚିହ୍ନଟ କରିଥିଲେ। ହେଲେ ସେତେବେଳେ ଜିଲ୍ଲାପାଳ ରାଜ୍ୟ ସରକାର ତଥା କୋର୍ଟକୁ ମିଥ୍ୟା ରିପୋର୍ଟ ଦେଇଥିଲେ। ଯେଉଁ ଜମି ଜବରଦଖଲମୁକ୍ତ ବୋଲି ଦର୍ଶାଇଥିଲେ ସେହି ଜମି ଉପରେ ଦୀର୍ଘ ୪୦ ବର୍ଷ ହେଲା ଶହ ଶହ ପରିବାର ଘରକରି ରହିଆସୁଛନ୍ତି। ଖୋଦ ପୌରପାଳିକାର ଅନେକ ଯୋଜନା ଯଥା ସ୍କୁଲଘର, ଅଙ୍ଗନୱାଡି ଘର, କ୍ଲବଘର, କଂକ୍ରୀଟରାସ୍ତା, ବିଦ୍ୟୁତକରଣ ଇତ୍ୟାଦି ହୋଇଛି। ତଥାପି କୌଣସି ଜବରଦଖଲ ନାହିଁ ବୋଲି ପ୍ରଶାସନ ରିପୋର୍ଟ ଦେଇଥିଲା ଓ ଶେଷରେ ଲୋକଙ୍କ ପ୍ରତିବାଦ ପରେ ସେହି ଠକାମି ଧରାପଡିଲା। ଏବେ ପ୍ରଶାସନ ଇନ୍ଦିରା ନଗରରୁ ଧ୍ୟାନ ହଟାଇ ପହଂଚିଛି ବଲାଙ୍ଗୀର ସହର ତଥା ଓଡିଶାର ସର୍ବପୁରାତନ ଗୋଶାଳା ଥିବା ଜମିକୁ। ଦୀର୍ଘ ୧୦୪ ବର୍ଷ ଧରି ରହିଆସିଥିବା ଗୋଶାଳା ଥିବା ଜମିରେ କୋର୍ଟ ବିଲ୍ଡିଂ ନିର୍ମାଣ କରିବାକୁ ରାଜ୍ୟ ସରକାର ତଥା କୋର୍ଟକୁ ପ୍ରସ୍ତାବ ଦେଇଛି। ଯାହାକୁ ନେଇ ଜନଅସନ୍ତୋଷ ଦେଖାଦେଇଛି ଓ ଏହାର ପ୍ରତିବାଦରେ ପୃଥ୍ୱୀରାଜ ଗୋଶାଳାର ପରିଚାଳନା କମିଟି ହାଇକୋର୍ଟର ଦ୍ୱାରସ୍ଥ ହୋଇଛନ୍ତି। ହାଇକୋର୍ଟ ଏହି ମାମଲାକୁ ଗ୍ରହଣ କରି ଆସନ୍ତା ୪ ସପ୍ତାହ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗକୁ ନୋଟିସ କରିଥିବା ଜଣାଯାଇଛି।ମିଳିଥିବା ସୂଚନାରୁ ଜଣାଯାଇଛି ଯେ, ପାଟଣାଗଡଜାତ ରାଜ୍ୟ ସମୟରେ ୧୯୧୯ ମସିହାରେ ରାଜାଙ୍କ ଦେୱାନ ଦେଓରାଜ ଆନନ୍ଦ ଲର୍କିପାଲି ମୌଜାର ୫ ଏକର ଜମିରେ ଏକ ଗୋଶାଳା ନିର୍ମାଣ କରାଇଥିଲେ। ସେହି ଗୋଶାଳାକୁ ମହାରାଜା ପୃଥ୍ୱୀରାଜ ସିଂଦେଓଙ୍କ ସମ୍ମାନାର୍ଥେ ମହାରାଜାଙ୍କ ନାମରେ ନାମିତ କରିଥିଲେ। ସେହିଦିନରୁ ଆଜି ପର୍ଯ୍ୟନ୍ତ ୧୦୪ ବର୍ଷ ଧରି ସେହି ଜମିରେ ପୃଥ୍ୱୀରାଜ ଗୋଶାଳା ଚାଲିଆସୁଛି। ସ୍ୱାଧିନତା ପରେ ରାଜାମାନଙ୍କ କ୍ଷମତା ଚାଲିଗଲାପରେ ଏହାର ପରିଚାଳନାରେ ଅସୁବିଧା ଦେଖାଦେବାରୁ ଏହି ଗୋଶାଳାକୁ ପରିଚାଳନା କରୁଥିବା କମିଟି ୧୯୫୭ ମସିହାରେ ଏହାକୁ (ସୋସାଇଟି ରେଜିଷ୍ଟ୍ରେସନ ଏକ୍ଟ ୧୮୬୦)ରେ ପଞ୍ଜିକରଣ କରିଥିଲେ। ପୃଥ୍ୱୀରାଜ ଗୋଶାଳା ୨୦୦/୨୨ ତା ୨୦.୦୯.୧୯୫୭ରେ ପଞ୍ଜିକୃତ ହୋଇଛି। ବଲାଙ୍ଗୀର ସହର ତଥା ଆଖାପାଖର ବଦାନ୍ୟ ବ୍ୟକ୍ତିଙ୍କ ସହାୟତାରେ ଏହି ଗୋଶାଳା ପରିଚାଳିତ ହେଲା। ପରେ ଗୋଶାଳାର ସମ୍ମୁଖଭାଗରେ ୮ଟି ଷ୍ଟଲ ନିର୍ମାଣ କରାଯାଇଛି। ସେହିଷ୍ଟଲ ଗୁଡ଼ିକୁ ବ୍ୟବସାୟୀଙ୍କୁ ଭଡ଼ାରେ ଦିଆଯାଇଛି। ଷ୍ଟଲଭଡା ତଥା ଗୋସାଳାରୁ ଉତ୍ପାଦିତ କ୍ଷୀରବିକ୍ରୀରୁ ଯେତିକି ଅର୍ଥ ଆୟ ହୁଏ ସେଥିରେ ଗାଇମାନଙ୍କ ଖାଦ୍ୟ କିଣିବା ଓ ଗାଇମାନଙ୍କ ସେବାପାଇଁ ନିଯୁକ୍ତ କର୍ମଚାରୀଙ୍କୁ ଦରମାଦେବାରେ ଅଂଟେ ନାହିଁ। ଫଳରେ ବଦାନ୍ୟବ୍ୟକ୍ତିଙ୍କ ଦାନରେ ଏହି ଗୋଶାଳା ଆଜି ମଧ୍ୟ ପରିଚାଳିତ। ୧୯୧୯ ମସିହାରୁ ଦୀର୍ଘ ୧୦୪ ବର୍ଷ ଧରି ପରିଚାଳିତ ହୋଇଆସୁଥିବା ଏହି ଗୋଶାଳା ଉପରେ ବଲାଙ୍ଗୀର ଜିଲ୍ଲା ପ୍ରଶାସନର ନଜର ପଡିଛି। ଗୋଶାଳାକୁ ଭାଙ୍ଗି ଏଠାରେ ବଲାଙ୍ଗୀର ସିଭିଲକୋର୍ଟର ନୂଆ ବିଲଡିଂ ନିର୍ମାଣ କରାଇବାକୁ ରାଜ୍ୟ ସରକାରଙ୍କୁ ଜିଲ୍ଲାପାଳ ପ୍ରସ୍ତାବ ଦେଇଛନ୍ତି। ବଲାଙ୍ଗୀର ତହସିଲ ଲର୍କିପାଲି ମୌଜାର ଖାତାନମ୍ବର-୩ର ପ୍ଲଟନମ୍ବର ୩୦୦୨ର ୫ ଏକର ୯୩୮ ଡେସିମିଲ ଜମିକୁ ପ୍ରଶାସନ ନୂତନ କୋର୍ଟ ବିଲ୍ଡିଂ ନିର୍ମାଣ ପାଇଁ ଦେବାକୁ ପ୍ରସ୍ତାବ କରୁଛି। ଫଳରେ ପ୍ରଶାସନର ଏଭଳି କାର୍ଯ୍ୟକଳାପରେ ପୃଥ୍ୱୀରାଜ ଗୋଶାଳାର ପରିଚାଳନା କମିଟି ଗଭୀର ଉଦବେଗ ପ୍ରକାଶ କରିଛି।ପରିଚାଳନା କମିଟିର ସଭାପତି ସି.ଏ. ନରେନ୍ଦ୍ର କୁମାର ଜୈନ ଏନେଇ କହିଛନ୍ତି ଯେ, ପ୍ରଶାସନର ଏହି ବେଆଇନ ନିଷ୍ପତି ବିରୁଦ୍ଧରେ ଆମେ ହାଇକୋର୍ଟରେ ଆବେଦନ କରିଛୁ। ହାଇକୋର୍ଟ ଏହି ଆବେଦନକୁ ଗ୍ରହଣ କରି ରାଜ୍ୟ ସରକାରଙ୍କୁ ରିପୋର୍ଟ ମାଗିଛନ୍ତି। ଶ୍ରୀ ଜୈନ କହିଛନ୍ତି ଯେ, ପୃଥ୍ୱୀରାଜ ଗୋଶାଳା ବଲାଙ୍ଗୀରବାସୀଙ୍କ ପାଇଁ ଏକ ଐତିହାସିକ ସ୍ଥଳି। ଦୀର୍ଘ ୧୦୪ ବର୍ଷ ହେଲା ଏଠାରେ ଗୋସେବା କରାଯାଇ ଆସୁଛି। ଏବେ ମଧ୍ୟ ୨୦୦ରୁ ଉର୍ଦ୍ଧ୍ୱ ଗାଈ ରହିଛନ୍ତି। ୨୦ ଜଣ ଲୋକ ନିଯୁକ୍ତ ହୋଇ ରୀତିମତ ସେମାନଙ୍କର ସେବା କରି ଜୀବିକା ନିର୍ବାହ କରୁଛନ୍ତି। ୨୦୨୨ ମସିହାରେ ପୌରପାଳିକା ପୃଥ୍ୱୀରାଜ ଗୋଶାଳା ପରିଚାଳନା କମିଟି ସହିତ ଚୁକ୍ତି କରି ବୁଲାଗାଇମାନଙ୍କୁ ଆଣି ମଧ୍ୟ ରଖାଯାଉଛି। ସେହିପରି ଗୋସେବା ପାଇଁ ସମର୍ପିତ ଥିବା କର୍ତବ୍ୟ ଫାଉଣ୍ଡେସନ ମଧ୍ୟ ଅସହାୟ ବୃଦ୍ଧ/ବୃଦ୍ଧା ଗାଈ ତଥା ଦୁର୍ଘଟଣାରେ ଆହତ ଗାଈଙ୍କୁ ଆଣି ଏଠାରେ ନିର୍ମିତ ଏକ ସ୍ୱତନ୍ତ୍ରସେଡରେ ରଖି ସେବାଯତ୍ନ କରୁଛନ୍ତି।

### ଦକ୍ଷତା ପ୍ରଦର୍ଶନ ମେଳା ଅନୁଷ୍ଠିତ

ପୁରୀ, (ପି.ଏନ): ସ୍ଥାନୀୟ ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ ପରିସରରେ ଏକ ଦକ୍ଷତା ପ୍ରଦର୍ଶନ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲା ନିୟୋଜନ ଅଧିକାରୀ ସୁବାସ ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଦକ୍ଷତା ବିକାଶ କ୍ଷେତ୍ରରେ ଛାତ୍ରଛାତ୍ରୀ ମାନଙ୍କ ପ୍ରତିଭାକୁ ଲୋକଲୋଚନକୁ ଆଣିବା ଥିଲା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। ୫୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଉକ୍ତ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରି, ୩୦ ରୁ ଉର୍ଦ୍ଧ୍ୱ ପ୍ରୋଜେକ୍ଟ ପ୍ରଦର୍ଶନ କରିଥିଲେ। ବିଭିନ୍ନ ଅଦରକାରୀ ପଦାର୍ଥକୁ ନେଇ ଏକ ବ୍ୟବହାର ଉପଯୋଗୀ ବସ୍ତୁ କରିବା ଏବଂ ଛାତ୍ରଛାତ୍ରୀଙ୍କୁ ପ୍ରୋତ୍ସାହନ ଦେବା,ଏହି ମେଳାର ମୂଳମନ୍ତ୍ର ଥିଲା।

# ଅଜଣା ରୋଗ ନେଲାଣି ୭ ଜୀବନ, ଗୁଣିଆ ଭରଷାରେ ଗ୍ରାମବାସୀ

ମାଲକାନଗିରି, (ପିଏନ)- ମାଲକାନଗିରି ଜିଲ୍ଲାର କାଲିମେଲା ବ୍ଲକ ଅନ୍ତର୍ଗତ ଦୁର୍ଗମ ସାନଟେକଗୁଡା ଗ୍ରାମରେ ଅଜଣା ରୋଗରେ ଯାଇଛି ୭ ଗ୍ରାମବାସୀଙ୍କ ଜୀବନ। ଗ୍ରାମରେ ଏହି ଘଟଣାକୁ ନେଇ ଏକ ପ୍ରକାର ଆତଙ୍କ ଖେଳିଯାଇଥିବା ବେଳେ ଗୁଣିଆ ସାଜିଛି ଏକ ମାତ୍ର ସାହା ଭରସା ! କାଲିମେଲା ବ୍ଲକ ଦୂର୍ଗମ ଅଂଚଳ ଭାବରେ ପରିଚିତ ସାନଟେକଗୁଡା ଗ୍ରାମରେ ୫୨ ଆଦିବାସୀ ସମ୍ପ୍ରଦାୟ ର ଲୋକେ ବସବାସ କରୁଛନ୍ତି ! ସେମାନଙ୍କ ପାଇଁ ବିଶୁଦ୍ଧ ପାଣି ସାତସପନ ପାଲଟିଛି। ଗ୍ରାମରେ ଥିବା ନଳକୂଅ ପାଣି ପିଇବା ଉପଯୋଗି ନୁହେଁ। ସେଥିରେ ନାଲି ରଙ୍ଗର ଗୋଳିଆ ପାଣି ବାହାରୁଛି। ଲୋକ ମାନେ ବାଧହୋଇ ଏହି ଗୋଳିଆ ପାଣି ପିଇ ମୃତ୍ୟୁମୁଖରେ ପଡୁଥିବାର ଦେଖିବାକୁ ମିଳିଛି।ଏଥି ସହିତ ଗ୍ରାମବାସୀମାନେ ନିକଟସ୍ଥ ନାଳ ଓ ଝରଣା ପାଣି ମଧ୍ୟ ପିଇବାକୁ ବାଧ ହେଉଛନ୍ତି। ଗ୍ରାମରେ ୩ ବର୍ଷ ତଳେ ୨ଲକ୍ଷ ଟଙ୍କା ବ୍ୟୟରେ ଏକ ପାନୀୟ ଜଳ ପ୍ରକଳ୍ପ ହୋଇଥିଲେ ମଧ୍ୟ ତାହା ଏବେ ଅକାମୀ ହୋଇପଡ଼ି ରହିଛି। ଫଳରେ ସାନଟେକଗୁଡା ଗ୍ରାମବାସୀ ବିଶୁଦ୍ଧ ପାଣି ଟୋପାଏ ପାଇପାରୁ ନଥିବାର ଅଭିଯୋଗ କରିଛନ୍ତି। ଏହି ଦୂଷିତ ପାଣି ପିଇ ପ୍ରାୟ ୨ମାସଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କ ଜୀବନ ଗଲାଣି। -ସାନଟେକଗୁଡା ଗ୍ରାମରେ ଗତ ୨ମାସ ଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କର ଜୀବନ ଯାଇଥିଲେ ମଧ୍ୟ ଲୋକମାନେ ଏବେ ବି ସଚେତନ ହୋଇନାହାନ୍ତି। ପାଣି ପିଇ ଯଦି କାହାର ଦେହ ଖରାପ ହୁଏ ଗୁଣିଆ ଦ୍ୱାରା ରୋଗୀମାନଙ୍କୁ ଝଡାଫୁଙ୍କା କରା ଯାଉଥିବାର ଦୃଶ୍ୟ ଦେଖିବାକୁ ମିଳିଛି। ଲୋକମାନେ ଡ଼ାକ୍ତରଖାନାଯିବା ପରିବର୍ତେ ଗୁଣିଆ ନିକଟକୁ ଯିବାର ଦେଖିବାକୁ ମିଳିଛି। ଏହି ଗ୍ରାମବାସୀଙ୍କ ନିକଟରେ ଏ ପର୍ଯ୍ୟନ୍ତ ପହଂଚି ନାହିଁ ନି କୋଣସି ସରକାରୀ ସଚେତନତା। ଯାହା ଫଳରେ ଏହି ଗ୍ରାମରେ ଲୋକମାନେ ଗୁଣିଗାରେଡି ଉପରେ ଭରସା କରି ଆସୁଛନ୍ତି।


MAHARISHI PUBLIC SCHOOL

2023-2024



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on Facebook.com/Mps, Baripada

# କିଟ୍‌ରେ ପ୍ରଥମ ଜନଜାତି ଖେଳ ମହୋତ୍ସବ ଉଦଘାଟିତ



ଭୁବନେଶ୍ୱର,(ପି.ଏନ): ପ୍ରଥମ ଜନଜାତି ଖେଳ ମହୋତ୍ସବ ଆଜି କିଟ୍‌ରେ ଉଦ୍‌ଘାଟିତ ହୋଇଯାଇଛି। କିଟ୍ କ୍ରିକେଟ ଷ୍ଟାଡିୟମରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ଓଡ଼ିଶା ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, କେନ୍ଦ୍ର ଶିକ୍ଷା ଓ କୌଶଳ ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ହକି ଇଣ୍ଡିଆ ସଭାପତି ପଦ୍ମଶ୍ରୀ ଦିଲୀପ ତିର୍କୀ, ସଂସ୍କୃତି ମନ୍ତ୍ରାଳୟର ଯୁଗ୍ମ ସଚିବ ଉମା ନନ୍ଦୁରୀ ଓ କିଟ୍-କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ପ୍ରମୁଖ ଅତିଥି ଯୋଗ ଦେଇଥିଲେ। ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରାଳୟ, ଓଡ଼ିଶା ସରକାର ଓ କିଟ୍ ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଆୟୋଜିତ ପ୍ରଥମ ଜନଜାତି ଖେଳ ମହୋତ୍ସବ ୧୨ ତାରିଖରେ ଉଦ୍‌ଯାପିତ ହେବ। ଏହି ଅବସରରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କହିଲେ କ୍ରୀଡ଼ାରେ ବିଜୟ ଓ ପରାଜୟ ଉପରେ ଗୁରୁତ୍ୱ ଦିଆଯିବା ଉଚିତ ନୁହେଁ। ପ୍ରତ୍ୟେକ ନିଜ ନିଜର ସଫଳତା ପ୍ରତି ଧ୍ୟାନ ଦେବା ଉଚିତ। ସମଗ୍ର ବିଶ୍ୱରେ ସର୍ବଦା ପ୍ରତିଯୋଗିତା ଚାଲିଛି। ଏହି ପରିପ୍ରେକ୍ଷୀରେ ଖେଳାଳିମାନେ ସର୍ବଦା ଶ୍ରେଷ୍ଠତା ପ୍ରତିପାଦନ କରିବା ଉପରେ ଧ୍ୟାନ ଦେବା ଉଚିତ ବୋଲି ସେ କହିଥିଲେ। କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କ୍ରୀଡ଼ା ଓ ଶିକ୍ଷାକୁ ସମାନ ଭାବେ ଗୁରୁତ୍ୱ ଦେଇ ଖେଲୋ ଇଣ୍ଡିଆ ଭଳି ଜନଜାତି ଖେଳ ମହୋତ୍ସବର ପରିକଳ୍ପନା କରିଛନ୍ତି। ସେଥିପାଇଁ କେନ୍ଦ୍ର ସରକାର ଶିକ୍ଷା ସହ କ୍ରୀଡ଼ାକୁ ସମାନ ଗୁରୁତ୍ୱ ଦେଇ ଚଳିତ ଶିକ୍ଷାନୀତିରେ କ୍ରୀଡ଼ାକୁ ଶିକ୍ଷାରେ ସାମିଲ କରିଛନ୍ତି। ଦେଶର ଅଧିକାଂଶ କ୍ରୀଡ଼ାବିତ୍ ଜନଜାତି ସମ୍ପ୍ରଦାୟରୁ ଆସିଛନ୍ତି। ଜନଜାତି ଖେଳ ମହୋତ୍ସବ ଦ୍ୱାରା ଜନଜାତି କ୍ରୀଡ଼ାବିତ୍‌ଙ୍କ ପ୍ରତିଭା ନିଶ୍ଚିତ ଭାବେ ଲୋକଲୋଚନକୁ ଆସି ପାରିବ ବୋଲି ସେ କହିଥିଲେ।ଜନଜାତି ଖେଳ ମହୋତ୍ସବ ଉପରେ ସୂଚନା ଦେଇ ଶ୍ରୀମତୀ ନନ୍ଦୁରୀ କହିଲେ, ଆଜାଦୀ କା ଅମୃତ ମହୋତ୍ସବ ଅଭିଯାନ ବିଶ୍ୱର ସର୍ବବୃହତ ଅଭିଯାନରେ ପରିଣତ ହୋଇଛି। ଆଜାଦୀ କା ଅମୃତ ମହୋତ୍ସବ ଆରମ୍ଭ ହେବାଠାରୁ ଏ ପର୍ଯ୍ୟନ୍ତ ଏହି ଗୋଟିଏ ଅଭିଯାନ ଅଧୀନରେ ୨ଲକ୍ଷରୁ ଉର୍ଦ୍ଧ୍ୱ କାର୍ଯ୍ୟକ୍ରମ ଆୟୋଜିତ ହୋଇସାରିଛି। ଜନଜାତି ଖେଳ ମହୋତ୍ସବ ପରିକଳ୍ପନା ହେବା ବେଳେ ଏହି କାର୍ଯ୍ୟକ୍ରମର ପ୍ରଥମ ସଂସ୍କରଣ କିଟ୍ ଓ କିସ୍‌ରେ ଆୟୋଜନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ପ୍ରଥମ ସଂସ୍କରଣରେ ୧୦ଟି ବିଭିନ୍ନ ବିଭାଗରେ ପ୍ରତିଯୋଗିତା ଆୟୋଜନ ହେବା ସହ ୨୦ ବିଭିନ୍ନ ବିଭାଗରେ ପ୍ରଦର୍ଶନୀ କ୍ରୀଡ଼ା ଆୟୋଜନ କରାଯିବ। ଏହା ଛଡ଼ା ଜନଜାତି ଖେଳ ମହୋତ୍ସବ ଉପରେ ବିଭିନ୍ନ ଆଲୋଚନାଚକ୍ରମାନ ଆୟୋଜିତ ହେବ ବୋଲି ସେ କହିଥିଲେ। ଶ୍ରୀ ତିର୍କୀ କହିଲେ, ପ୍ରଥମ ଥର ଲାଗି ଦେଶର ୨୬ଟି ରାଜ୍ୟର କୋଚ ଓ ଅଫିସିଆଲଙ୍କ ସମେତ ୫ହଜାରରୁ ଉର୍ଦ୍ଧ୍ୱ ଜନଜାତି ଖେଳାଳି ଭୁବନେଶ୍ୱରରେ ଏକାଠି ହୋଇଛନ୍ତି, ଏହା ଓଡ଼ିଶା ପାଇଁ ଗୌରବର ବିଷୟ। ଦେଶର ଅନେକ କ୍ରୀଡ଼ାବିତ୍ ଜନଜାତି ସମ୍ପ୍ରଦାୟରୁ ଆସିଛନ୍ତି ଓ ନିଜ ପ୍ରତିଭା ବଳରେ ଦେଶର ନାମକୁ ଉଜ୍ଜ୍ୱଳ କରିଛନ୍ତି ବୋଲି ସେ କହିଥିଲେ।କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଲେ, ଜନଜାତି ଖେଳ ମହୋତ୍ସବ ଏକ ଇତିହାସ ହୋଇ ରହିବ। ସ୍ୱାଗତ ସମ୍ଭାଷଣ ଦେଇ ଶ୍ରୀ ସାମନ୍ତ କହିଲେ, ଜନଜାତି ଖେଳ ମହୋତ୍ସବକୁ ଏକ ବିରାଟ ଆକାରରେ ଆୟୋଜନ କରାଯିବାର ବନ୍ଦୋବସ୍ତ କରାଯାଇଥିଲେ ମଧ୍ୟ ନିକଟରେ ଘଟିଥିବା ମର୍ମନ୍ତୁଦ ରେଳ ଦୁର୍ଘଟଣା ପାଇଁ ଏଥିରେ ସାଂସ୍କୃତିକ କାର୍ଯ୍ୟକ୍ରମକୁ ବାଦ ଦିଆଯାଇ ନିରାଡ଼ମ୍ବର ଭାବେ ଆୟୋଜନ କରାଯାଇଛି। ଶ୍ରୀ ସାମନ୍ତ କ୍ରୀଡ଼ା ଓ ସଂସ୍କୃତି, ଜନଜାତି ଓ କ୍ରୀଡ଼ା, ଆଦି ଓ ଆଧୁନିକତା ଭଳି ତିନୋଟି ସାମଞ୍ଜସ୍ୟ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଅତିଥିଙ୍କ ଦ୍ୱାରା ପ୍ରଥମ ଜନଜାତି ମହୋତ୍ସବ ଜର୍ସୀ, ମାସ୍କଟ ଓ ସୂଚନାପତ୍ରିକା ଉନ୍ମୋଚିତ ହୋଇଥିଲା।

## କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ବରୁଣେଇ ପାଇକ ସ୍ମାରକୀ ନେଇ ଆଲୋଚନା

ଖୋର୍ଦ୍ଧା,(ପି.ଏନ): ବରୁଣେଇ ପାଇକ ସ୍ମାରକୀସ୍ଥଳର ନିର୍ମାଣ କାର୍ଯ୍ୟରେ ଅହେତୁକ ବିଳମ୍ବକୁ ନେଇ କଳିଙ୍ଗ ପାଇକ ସଂଗଠନ ପକ୍ଷରୁ ଏକ ପ୍ରତିନିଧି ଦଳ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସାକ୍ଷାତ୍ କରିଛନ୍ତି। ମନ୍ତ୍ରୀ ଅରଗୁଳ ସ୍ଥିତ ଆଇ.ଆଇ.ଟି. ପରିସରକୁ ଆସିଥିବା ବେଳେ ଏହି ଆଲୋଚନା ହୋଇଥିଲା। ସ୍ମାରକୀସ୍ଥଳକୁ ନେଇ କେନ୍ଦ୍ରମନ୍ତ୍ରୀ କହିଥିଲେ ପଚାଶ ଏକର ଜାଗା ବଦଳରେ ମାତ୍ର ନଅ ଏକର ୬୫୮ ଡେସିମିଲ ଜାଗା ମିଳିଲା, ତା' ପରେ ବି କାମ ଆରଂଭ ହୋଇପାରୁନି। କେନ୍ଦ୍ର ସରକାରଙ୍କ ସଂସ୍କୃତି ବିଭାଗକୁ ଜାଗା ହସ୍ତାନ୍ତର ହୋଇ ସାରିଥିଲେ ଏତେବେଳକୁ କେତେ କାମ ହୋଇ ସାରିଥାନ୍ତା। ଏହା ପରେ ସେ ଜିଲାପାଳଙ୍କ ସହ ଫୋନ ଯୋଗେ କଥା ହୋଇଥିଲେ। ଏହି ଆଲୋଚନାରେ କଳିଙ୍ଗ ପାଇକ ସଂଗଠନର ସଭାପତି ଭୀମସେନ ପ୍ରଧାନ, ମୁଖ୍ୟ ସଂଚାଳକ ଇଂ ଶିଶିର କୁମାର ନାୟକ, ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ପ୍ରବକ୍ତା ସୁରଥ ବିଶ୍ୱାଳ, ସାଧାରଣ ସଂପାଦକ କୃଷ୍ଣଚନ୍ଦ୍ର ହରିଚନ୍ଦନ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

# ଫ୍ଲିପକାର୍ଟର ବହୁ ପ୍ରତୀକ୍ଷିତ 'ବିଗ୍ ଏଣ୍ଡ ଅଫ୍ ସିଜନ ସେଲ' ଆରମ୍ଭ

ଭୁବନେଶ୍ୱର,(ପି.ଏନ): ଭାରତର ନିଜସ୍ୱ ଇ-କମର୍ସ ମାର୍କେଟପ୍ଲେସ ଫ୍ଲିପକାର୍ଟ, ଏହାର ବହୁ ପ୍ରତୀକ୍ଷିତ 'ବିଗ ଏଣ୍ଡ ଅଫ ସିଜନ ସେଲ'କାର୍ଯ୍ୟକ୍ରମର ଘୋଷଣା କରିଛି। ଏହା ସାରା ଭାରତର ଲକ୍ଷ ଲକ୍ଷ ଗ୍ରାହକଙ୍କ ପାଇଁ ଫ୍ୟାସନ, ବିୟୁଟି ଏବଂ ଲାଇଫଷ୍ଟାଇଲ ଉତ୍ପାଦଗୁଡ଼ିକର ଏକ ବିସ୍ତୃତ ରେଞ୍ଜ ଆଣିବା ଲାଗି ୨୦୦,୦୦୦ ସେଲର ଏବଂ ୧୦,୦୦୦ରୁ ଅଧିକ ବ୍ରାଣ୍ଡକୁ ଏକତ୍ର ନେଇଆସିଛି। ୯ ଜୁନ ୨୦୨୩ରୁ ଆରମ୍ଭ ହେଉଥିବା ଏହି ସପ୍ତାହବ୍ୟାପୀ କାର୍ଯ୍ୟକ୍ରମ ଇମେଜ ସର୍ଚ୍ଚ, ଭିଡିଓ କାଟାଲଗ, ଭର୍ଚୁଆଲ ଟ୍ରାଏ-ଅନ, ଭିଡିଓ କମର୍ସ ଏବଂ ଟପ ଫିଲ୍ଟର ଭଳି ଟେକ୍ନୋଲୋଜି ହସ୍ତକ୍ଷେପ ସହିତ ଗ୍ରାହକଙ୍କୁ ଏକ ଭିନ୍ନ ଧରଣର ସପିଂ ଅନୁଭୂତି ଯୋଗାଇଦେବ। ଅଧିକନ୍ତୁ ଫ୍ଲିପକାର୍ଟ ଏହାର ଡିଜିଟାଲ ପ୍ରଥମ ବ୍ରାଣ୍ଡଗୁଡ଼ିକରେ ଅଧିକ ଆଗ୍ରହ ଦେଖିଛି। ଫ୍ଲିପକାର୍ଟ ସ୍ପ୍ରିଙ୍ଗ ସମର ସିଜନରେ କେବଳ ଲକ୍ଷ ଲକ୍ଷ ଅର୍ଡର ହାସଲ କରିବା ସହିତ ଅନଲାଇନରେ ଫ୍ୟାସନରେ ବୃଦ୍ଧି ପରିଲକ୍ଷତ ହୋଇଛି, ଯାହା ଫ୍ୟାସନ ପାଇଁ ବଢୁଥିବା ଚାହିଦାକୁ ସୂଚାଉଛି। ଫ୍ଲିପକାର୍ଟ ପାଇଁ ଫ୍ୟାସନ ଆଜି ଏକ ଅଭିବୃଦ୍ଧି ପରିଚାଳକ ଭାବେ ଜାରି ରହିଛି, ଯେଉଁଥିରେ ୪୦% ରୁ ଅଧିକ ନୂଆ ଗ୍ରାହକ ଏହି ବର୍ଗ ମାଧ୍ୟମରେ ଆସିଛନ୍ତି। ଫ୍ଲିପକାର୍ଟ ଉଦୀୟମାନ ମେଟ୍ରୋ ଏବଂ ଟିୟର ୩+ ଅଂଚଳରୁ ଫ୍ୟାସନ ପାଇଁ ଦୃଢ଼ ଅଭିବୃଦ୍ଧି ପରିଲକ୍ଷିତ କରିଛି। ଏହି ଏଣ୍ଡ ଅଫ ସିଜନ ସେଲ ସହଜ ପହଂଚ ବିକଳ୍ପ ଚାହୁଁଥିବା ଏହାର କ୍ରେତାମାନଙ୍କ ପାଇଁ ନିଜର 'ବାଏ ନାଓ, ପେ ଲାଟର' ଅଫରକୁ ସଂପ୍ରସାରିତ ମଧ୍ୟ କରିବ। ଗ୍ରାହକମାନେ ବିଗ ଏଣ୍ଡ ଅଫ ସିଜନ ସେଲ ସମୟରେ ସେମାନଙ୍କ ଫ୍ୟାସନ କିଣାକିଣି ସମୟରେ ବିଭିନ୍ନ ବ୍ୟାଙ୍କ ଅଫର ଉପଲବ୍ଧ କରିପାରିବେ ଯଥା: ପେଟିଏମ ୟୁପିଆଇରେ ୨୫୦ଟଙ୍କାର ସର୍ବନିମ୍ନ କ୍ରୟ ଉପରେ ଫ୍ଲାଟ ୨୫ଟଙ୍କା ଏବଂ ୧୦୦୦ଟଙ୍କାର ସର୍ବନିମ୍ନ ଅର୍ଡର ଉପରେ ଫ୍ଲାଟ ୧୦୦ଟଙ୍କା ଲାଭ ପାଇପାରିବେ। ଆଇସିଆଇସିଆଇ ଏବଂ ଏସବିଆଇ ଗ୍ରାହକମାନେ ୫୦୦ଟଙ୍କାର ସର୍ବନିମ୍ନ ଅର୍ଡର ମୂଲ୍ୟ ସହିତ ୧୦% ତୁରନ୍ତ ରିହାତିରୁ ମଧ୍ୟ ଲାଭାନ୍ୱିତ ହେବେ। ଏହି କାର୍ଯ୍ୟକ୍ରମ ସମ୍ପର୍କରେ ଫ୍ଲିପକାର୍ଟ ଫ୍ୟାସନର ବରିଷ୍ଠ ନିର୍ଦ୍ଦେଶକ ଶ୍ରୀ ଅଭିଷେକ ମାଲୁ କହିଛନ୍ତିଯେ, "ଫ୍ଲିପକାର୍ଟରେ 'ଏଣ୍ଡ ଅଫ ସିଜନ ସେଲ'ହେଉଛି ବାସ୍ତବରେ ଆମ ପାଇଁ ଏକ ଉତ୍ସବ ଏବଂ ଆମ ସମଗ୍ର ଇକୋସିଷ୍ଟମରେ ହିତାଧିକାରୀ ମାନଙ୍କ ପାଇଁ ଆନନ୍ଦ ନେଇ ଆଣିବାର ଏକ ସୁଯୋଗ। ଋତୁ ପରେ ଋତୁ ଏହି କାର୍ଯ୍ୟକ୍ରମ ସାରା ଭାରତର ଗ୍ରାହକମାନଙ୍କ ଠାରୁ ଗଭୀର ପ୍ରଶଂସା ଗ୍ରହଣ କରିଛି, ଯାହା ବିକ୍ରେତା ଏବଂ ଆମ ମାର୍କେଟପ୍ଲେସରେ ଥିବା ବ୍ରାଣ୍ଡଗୁଡ଼ିକ ପାଇଁ ଗଭୀର ଅଭିବୃଦ୍ଧି ଆଣିଛି। ସର୍ବଶ୍ରେଷ୍ଠ ଶୁଭାରମ୍ଭ ସହିତ ବହୁଭାଷୀ ଇଂଟରଫେସ ଆମର ବିକାଶକୁ ସହଜ କରାଇଛି ଏବଂ ଆମେ ସମଗ୍ର ଭାରତରେ ଗ୍ରାହକଙ୍କ ଠାରୁ ଆମର ବହୁଭାଷୀ ଇଂଟରଫେସର ବ୍ୟବହାର କରି ବ୍ରାଉଜିଙ୍ଗରେ ଅତିବାହିତ ସମୟରେ ଏକ ବୃଦ୍ଧି ଦେଖୁଛୁ। ଆମେ ପୁଣିଥରେ ଲକ୍ଷ ଲକ୍ଷ ବିକ୍ରେତା, ବ୍ରାଣ୍ଡ ଏବଂ ଗ୍ରାହକଙ୍କୁ ଏକାଠି ଆଣିବାକୁ ଅପେକ୍ଷା କରିଛୁ କାରଣ ଆମେ ଚଳିତ ସିଜନରେ ଜଡ଼ିତ ସଭିଙ୍କ ପାଇଁ ଏହାକୁ ସ୍ମରଣୀୟ କରିବାକୁ କାର୍ଯ୍ୟ କରୁଛୁ।"

## ଏମସ୍‌ରେ ରହିଛି ଆହୁରି ୮୨ ଟି ମୃତଦେହ

ଭୁବନେଶ୍ୱର, (ପି.ଏନ): ଗତ ଶୁକ୍ରବାର ବାହାନଗା ଟ୍ରେନ୍ ଦୁର୍ଘଟଣାରେ ୨୮୮ ଜଣ ପ୍ରାଣ ହରାଇଥିଲେ। ସେମାନଙ୍କ ମଧ୍ୟରୁ ଚିହ୍ନଟ ହୋଇପାରିନଥିବା ମୃତଦେହ ଗୁଡିକୁ ଭୁବନେଶ୍ୱର ଏମସ୍ ଅଣାଯାଇଥିଲା। ଚିହ୍ନଟ ହୋଇପାରିଥିବା ମୃତକଙ୍କ ସମ୍ପର୍କୀୟମାନଙ୍କୁ ଯାଂଚ ପରେ ମୃତଦେହ ପ୍ରଦାନ କରାଯାଉଛି। ଅନ୍ୟପକ୍ଷରେ ଗୋଟିଏ ମୃତଦେହର ଏକାଧିକ ଦାବିଦାର ଥିବା କିମ୍ବା ଚିହ୍ନଟରେ ଅସୁବିଧା ହେଉଥିବାରୁ ଡିଏନଏ ପରୀକ୍ଷା କରାଯାଉଛି। ଏମସ୍ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଭୁବନେଶ୍ୱର ଏମସ୍ କୁ ୧୬୨ ଜଣଙ୍କ ମୃତଦେହ ଅଣାଯାଇଥିଲା। ସେଥିମଧ୍ୟରୁ ୮୦ ଟିକୁ ସେମାନଙ୍କ ପରିବାରକୁ ହସ୍ତାନ୍ତର କରାଯାଇଛି। ଆଉ ୮୨ ଟିକୁ ସଂରକ୍ଷିତ କରି ରଖାଯାଇଛି। ୫୦ ଜଣ ଆବେଦନକାରୀଙ୍କ ଠାରୁ ଡିଏନଏ ସାମ୍ପଲ ସଂଗ୍ରହ କରାଯାଇଥିବା ବେଳେ ୨୯ଟି ସାମ୍ପଲ ଦିଲ୍ଲୀ ପଠାଯାଇଛି। ୭୦ଟି ମୃତଦେହକୁ ୪ ଟି କଂଟେନର ମଧ୍ୟରେ ରଖାଯାଇଥିବା ସୂଚନା ମିଳିଛି।

# ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ପୁରାତନ ଛାତ୍ର ସଂଗଠନ ତରଫରୁ ରକ୍ତଦାନ ଶିବିର ଓ ଶୋକସଭା



ଭୁବନେଶ୍ୱର,(ପି.ଏନ): ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ପୁରାତନ ଛାତ୍ର ସଂଗଠନ ତରଫରୁ ଏକ ରକ୍ତଦାନ ଶିବିର ଓ ଶୋକସଭା ବି.ଏମ୍.ସି. ଚିକିତ୍ସାଳୟର ରକ୍ତ ଭଣ୍ଡାର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଭୂମିକା ତୁଲାଇ ସହଯୋଗର ହାତ ବଢ଼ାଇଥିଲେ ଶିଶୁ ଅନନ୍ତ ଡିଗ୍ରୀ ମହାବିଦ୍ୟାଳୟ, ବାଲିପାଟଣାର ଜାତୀୟ ସେବା ଯୋଜନାରେ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀମାନେ। ରକ୍ତଦାନ ପୂର୍ବରୁ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ ଛାତ୍ର ସଂଗଠନର ଉପଦେଷ୍ଟା ପ୍ରଫେସର ଦୁର୍ଯ୍ୟୋଧନ ପରିଡ଼ା। ପରେପରେ ଶ୍ରୀଯୁକ୍ତ ପରିଡ଼ା ବାଲେଶ୍ୱରର ବାହାନଗାଠାରେ ମର୍ମନ୍ତୁଦ ତଥା ହୃଦୟ ବିଦାରକ ରେଳ ଦୁର୍ଘଟଣାରେ ପ୍ରାଣ ହରାଇ ଆମଠାରୁ ଚିରଦିନ ପାଇଁ ବିଦାୟ ନେଇଥିବା ଲୋକମାନଙ୍କ ପାଇଁ ଏକ ଶୋକସଭା ସହ ୧ ମିନିଟ୍ ନୀରବ ପ୍ରାର୍ଥନା କରାଇଥିଲେ ଓ ଛାତ୍ରଛାତ୍ରୀମାନଙ୍କର ଏତାଦୃଶ କାର୍ଯ୍ୟ ପାଇଁ ସମସ୍ତ କର୍ମକର୍ତ୍ତା ଓ ପୁରାତନ ଛାତ୍ର ସଂସଦ ଗର୍ବ ଅନୁଭବ କରୁଛି ବୋଲି ପ୍ରକାଶ କରିଥିଲେ। ସମବେତ ଛାତ୍ରଛାତ୍ରୀ, ଯୁବକ ଯୁବତୀ ତଥା ସ୍ଥାନୀୟ ବାସିନ୍ଦା ଓ ଚିକିତ୍ସାଳୟର କର୍ମକର୍ତ୍ତା ବିଭିନ୍ନ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ପୀଡ଼ିତମାନଙ୍କର ତୁରନ୍ତ ଆରୋଗ୍ୟ କାମନା କରିଥିଲେ। ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ସଂଗଠନର ସଭାପତି ଡ. ହାଡ଼ିବନ୍ଧୁ ପଟ୍ଟନାୟକ, ଉପସଭାପତି ଶ୍ରୀଯୁକ୍ତ ରମେଶ ଚନ୍ଦ୍ର ପାତାଳସିଂହ, ପୂର୍ବତନ ସମ୍ପାଦକ ତଥା କାର୍ଯ୍ୟକାରିଣୀ ସଭ୍ୟ ଶ୍ରୀଯୁକ୍ତ ଦେବୀ ପ୍ରସାଦ ମିଶ୍ର। ଶେଷରେ ସଂଗଠନର ସମ୍ପାଦକ ପ୍ରାଧ୍ୟାପକ ଶ୍ରୀଯୁକ୍ତ ସହଦେବ ମଲ୍ଲିକ ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିବା ସହ ସମସ୍ତଙ୍କୁ ଧନ୍ୟବାଦ ଓ ସାଧୁବାଦ ଜଣାଇଥିଲେ। ସମୁଦାୟ ୨୨ଟି ଇଉନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା।

# ଆର୍କଟିକ୍‌ରେ ଜୈବସମ୍ବଳ ଓ ମତ୍ସ୍ୟଚାଷ ଉପରେ ଆୟୋଜିତ ସମ୍ମିଳନୀରେ ମତ୍ସ୍ୟଚାଷ ଶିଳ୍ପର ବିକାଶ ପଥ ପରିଷ୍କାର ଉପରେ ଆଲୋଚନା

ନୂଆଦିଲ୍ଲୀ,(ପି.ଏନ): ଆର୍କଟିକ ପରିଷଦର ଅଧ୍ୟକ୍ଷ ଭାବରେ ୨୦୨୧ରୁ ୨୦୨୩ ପର୍ଯ୍ୟନ୍ତ ରୁଷିଆର କାର୍ଯ୍ୟକାଳ ଅବସରରେ ଆର୍ଖାନ୍‌ଜେଲ୍‌ସ୍କଠାରେ ଗତ ମେ ମାସ ୧୧ ଓ ୧୨ତାରିଖ ଦୁଇଦିନ ଧରି ଅନୁଷ୍ଠିତ 'ଆର୍କଟିକ୍‌ରେ ଜୈବସମ୍ବଳ ଓ ମତ୍ସ୍ୟଚାଷ' ବିଷୟକ ସମ୍ମିଳନୀରେ ଯୋଗଦେଇଥିବା ଅଂଶଗ୍ରହଣକାରୀ ଆର୍କଟିକ୍‌ରେ ଜୈବିକ ସମ୍ବଳର ସଂରକ୍ଷଣ, ମତ୍ସ୍ୟଚାଷ ଶିଳ୍ପର ବିକାଶ ଏବଂ ପାରମ୍ପରିକ ସାମୁଦ୍ରିକ ମତ୍ସ୍ୟସଂଗ୍ରହ ବ୍ୟବସ୍ଥାର ନିୟନ୍ତ୍ରଣର ବିଭିନ୍ନ ଦିଗ ଉପରେ ଆଲୋନା କରିଥିଲେ। ରୋସ୍‌କଂଗ୍ରେସ ଫାଉଣ୍ଡେସନ୍ ଦ୍ୱାରା ଏହି ସମସ୍ତ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଏହି ଅବସରରେ ରୁଷିଆର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ପ୍ରତିନିଧି ନିକୋଲେ କୋରଚୁନୋଭ କହିଥିଲେ, ଆର୍କଟିକ୍ ଅଞ୍ଚଳରେ ବୃହତ୍ ସଂରଚନା ଏବଂ ପୁଞ୍ଜିନିବେଶ ପ୍ରକଳ୍ପଗୁଡିକ କାର୍ଯ୍ୟକାରୀ କରିବା ସମୟରେ ରୁଷିଆ ସାମୁଦ୍ରିକ ସମ୍ପଦ କ୍ଷେତ୍ରରେ ଥିବା ଦାୟିତ୍ୱସମ୍ପନ୍ନ ନୀତିସମୂହ ଏବଂ ଦୀର୍ଘସ୍ଥାୟୀ ପରିଚାଳନା ନିୟମକୁ ଅନୁପାଳନ କରୁଛି। ଅନ୍ୟତମ ମୁଖ୍ୟ ପାରମ୍ପରିକ ଅର୍ଥନୈତିକ କାର୍ଯ୍ୟକଳାପ ଭାବରେ ଉକ୍ତ ଅଞ୍ଚଳରେ ବାସକରୁଥିବା ଜନସାଧାରଣ ଏବଂ ମୂଳ ଅଧିବାସୀଙ୍କ ପାଇଁ ମାଛ ଧରିବା ଯଥେଷ୍ଟ ଗୁରୁତ୍ୱ ଲାଭ କରୁଛି। ଦେଖିବାକୁ ଗଲେ ଆର୍କଟିକ ପରିବ୍ୟବସ୍ଥା ଉପରେ ନିରୀକ୍ଷଣ ରଖିବା ସହିତ ଜୈବସମ୍ପଦର ସଂରକ୍ଷଣ ଏବଂ ତାହାକୁ ବଜାୟ ରଖିବା ଏକ ମୂଳ ଲକ୍ଷ୍ୟ ହୋଇଛି। ଆର୍କଟିକ୍ ଅନେକ ମୁକାବିଲାର ସମ୍ମୁଖୀନ ହେଉଛି, ଯନ୍ମଧ୍ୟରେ ଅନ୍ୟତମ ହେଉଛି ଜଳବାୟୁ ଏବଂ ପରିବେଶଗତ କାର୍ଯ୍ୟସୂଚୀ। ସମ୍ମିଳନୀର ପୂର୍ଣ୍ଣାଙ୍ଗ ଅଧିବେଶନର ମୁଖ୍ୟ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅଂଶଗ୍ରହଣକାରୀ ଉତ୍ତର ଅକ୍ଷାଂଶରେ ସାମ୍ପ୍ରତିକ ମତ୍ସ୍ୟଚାଷ ଶିଳ୍ପର ସ୍ଥିତି, ଜଳବାୟୁ ପରିବର୍ତ୍ତନର ଫଳସ୍ୱରୂପ ମାଛଧରା କ୍ଷେତ୍ରରେ ନୂତନ ସୁଯୋଗ ଏବଂ ବୈଜ୍ଞାନିକ ତଥ୍ୟ ଆଧାରରେ ଏହି ସମସ୍ତ କାର୍ଯ୍ୟକଳାପର ସଫଳ ପରିଚାଳନା ଉପରେ ତର୍ଜମା ଭିତ୍ତିକ ଆଲୋଚନା କରିଥିଲେ। ପୂର୍ଣ୍ଣାଙ୍ଗ ଅଧିବେଶନକୁ ଟାସ୍ ଖବର ସରବରାହ ସଂସ୍ଥାର ମୁଖପାତ୍ର ଭିକ୍ଟୋରିଆ କ୍ଲାଡିଏଭା ସଂଯୋଜନା କରିଥିଲେ। ସମ୍ମିଳନୀରେ ଆର୍କଟିକ୍‌ରେ ମତ୍ସ୍ୟ ସମ୍ପଦ ସମ୍ପର୍କରେ ଅଧ୍ୟୟନ ଓ ପରିଚାଳନା ଉପରେ ଆନ୍ତର୍ଜାତିକ ସହଯୋଗ ବିଷୟରେ ଆଲୋଚନା କରାଯାଇଥିଲା।ରୁଷିଆ ପକ୍ଷରୁ କୁହାଯାଇଥିଲା ଯେ ପରିବର୍ତ୍ତିତ ଭୂରାଜନୈତିକ ପରିସ୍ଥିତିକୁ ଦୃଷ୍ଟିରେ ରଖି ଏହା ଏହି ବିଷୟରେ ସୁଯୋଗ ଅନୁଧ୍ୟାନ କରିବା ସହିତ ବୈଜ୍ଞାନିକ ଗବେଷଣା ନିମନ୍ତେ ଚୁକ୍ତି ସ୍ୱାକ୍ଷର କରିଥିବା ପକ୍ଷମାନଙ୍କ ସହିତ ସହଯୋଗ ଭିତ୍ତିରେ କାର୍ଯ୍ୟକରିବ। ସେମାନଙ୍କ ସହିତ ମିଶି ଏହା ଉପଯୁକ୍ତ ସମାଧାନ ଯୋଗାଇଦେବ। ଚୀନ ଏହାର ଦୀର୍ଘକାଳର ମତ୍ସ୍ୟଚାଷ ସହଯୋଗୀ ଏବଂ ବାଣିଜ୍ୟିକ ଅଂଶୀଦାର ହୋଇ ରହିଛି। ସୁଦୂର ପ୍ରାଚ୍ୟରେ ଏହା ଚୀନ ସହିତ ଏକାଧିକ ମାଛ ଧରା ସମ୍ପର୍କିତ ଚୁକ୍ତି କରିଛି। ତେଣୁ ଉଭୟ ରାଷ୍ଟ୍ରଙ୍କର ସହଭାଗୀ ସ୍ୱାର୍ଥର ପରିଣତିସ୍ୱରୂପ ମତ୍ସ୍ୟଚାଷ ଶିଳ୍ପ ସର୍ବଦା ରାଜନୀତି ବାହାରେ ରହିଆସିଛି। ଏହି ସମ୍ମିଳନୀରେମଧ୍ୟ ସାତଟି ଗୋଲଟେବୁଲ ବୈଠକ ଏବଂ ଗୋଟିଏ କର୍ମଶାଳା ଆୟୋଜିତ ହୋଇଥିଲା, ଯେଉଁଥିରେ ବିଶାରଦମାନେ ଆର୍କଟିକ୍ ଅଞ୍ଚଳରେ ମତ୍ସ୍ୟଚାଷ ଭିତ୍ତିଭୂମିର ବିକାଶ ଉପାୟ ଅନୁଧ୍ୟାନ କରିଥିଲେ। ତାହାସହିତ ସେଠାକାର ପରିବେଶ ବ୍ୟବସ୍ଥା ନିରୀକ୍ଷଣ କରିବା ଏବଂ ତାହାର ସଂରକ୍ଷଣ ସମ୍ପର୍କରେ ମତ ବିନିମୟ ସହିତ ଆର୍କଟିକ୍ ଅଞ୍ଚଳରେ ଥିବା ମତ୍ସ୍ୟ ପ୍ରଜାତିର ମହଜୁଦ ପରିମାଣ ଆକଳନ ବିଶେଷଜ୍ଞମାନଙ୍କୁ ନେଇ ଉକ୍ତ ଅଞ୍ଚଳରେ ଉଦ୍ୟୋଗ ସ୍ଥାପନ ସକାଶେ ମାନବ ସମ୍ବଳ ନୀତି ଉପରେ ଆଲୋଚନା ହୋଇଥିଲା। ଏହାଦ୍ୱାରା ନିକଟ ଭବିଷ୍ୟତରେ ଉତ୍ତରାଞ୍ଚଳ ସମୁଦ୍ରରୁ ମାଛଧରା କାର୍ଯ୍ୟକ୍ରମରେ ଉଲ୍ଲେଖନୀୟ ବୃଦ୍ଧି ଘଟିବା ସହିତ ସାମୁଦ୍ରିକ ଜୈବସମ୍ବଳର ବ୍ୟବସାୟକରଣ କରାଯାଇପାରିବ। ଏ କ୍ଷେତ୍ରରେ ଉତ୍ତରାଞ୍ଚଳ ସାମୁଦ୍ରିକ ପଥ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ।




Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751010 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray